Annual Subscription Rs. 40.00 only

# [illegible]

ମାସିକ ମିଳନୀ ଓ ସାଧନା ପତ୍ରିକା



ଊନବିଂଶ ବର୍ଷ ◆ ପଞ୍ଚମ ସଂଖ୍ୟା ◆ ଅକ୍ଟୋବର ୨୦୦୯

If you cannot keep yourself open, then aspire constantly but quietly that you may open.

(25/124) **- Sri Aurobindo**

ତୁମେ ଯଦି ନିଜକୁ ଉନ୍ମୁକ୍ତ ରଖିପାରୁ ନାହଁ, ତେବେ ନିରନ୍ତର କିନ୍ତୁ ଧୀର ସ୍ଥିର ଭାବରେ ଅଭୀପ୍ସା କର ଯେପରିକି ତୁମେ ଉନ୍ମୁକ୍ତ ହୋଇପାରିବ ।

- ଶ୍ରୀଅରବିନ୍ଦ

**ମାତୃଭବନ**

ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩

# ୨୪ ନଭେମ୍ବର ୨୦୦୯



ପରମପ୍ରଭୁ ଶ୍ରୀଅରବିନ୍ଦ ଏବଂ ଦିବ୍ୟଜନନୀ ଶ୍ରୀମା'ଙ୍କ ୮୩ତମ ପବିତ୍ର ସିଦ୍ଧି ଦିବସରେ **'ମାତୃଭବନ ପତ୍ର'** ଓଡ଼ିଶାର ମାତୃସନ୍ତାନମାନଙ୍କ ସହିତ ସେମାନଙ୍କ ଚରଣ କମଳରେ କୃତଜ୍ଞତାପୂର୍ଣ୍ଣ ପ୍ରଣତି ଜଣାଉଛି।

# ବାବାଜି ମହାରାଜଙ୍କ ପତ୍ରାବଳୀ.......

**୮.୯.୯୪ :** ସାଦର ସପ୍ରେମ ଶ୍ରୀମା'ଙ୍କ ଆଶୀର୍ବାଦ। ମୁଁ ଆନ୍ତରିକ ଭାବେ ଚାହେ ରାଣୀହାଟ ଦେଇଙ୍କ ଘର ସହିତ ଆଶ୍ରମର ସୁହୃଦ ସମ୍ପର୍କ ବରାବର ରହୁ। ଆପଣ ଯେପରି ଯାଇ ରାଣୀହାଟ ଯେଉଁ ରୁମରେ ରହୁଥିଲେ ସେହି ରୁମରେ ରହିବେ। ତାଙ୍କ ପରିବାର ସହିତ ଆଶ୍ରମର ସୁସମ୍ପର୍କ ବରାବର ରହିବ। ଭୁପାଳ ଭାଇ ଏହି ମାସ ଶେଷ ସପ୍ତାହରେ ଯିବେ। ସମସ୍ତ ସାଧକ ଭାଇମାନଙ୍କୁ ଶ୍ରୀମା'ଙ୍କ ଆଶୀର୍ବାଦ।



**୬.୧୦.୯୪ :** ସାଦର ସପ୍ରେମ ଶ୍ରୀମା'ଙ୍କ ଆଶୀର୍ବାଦ। ଆପଣଙ୍କ ୨୯.୯.୯୪ ପତ୍ର ଆଜି ୬.୧୦ରେ ପାଇଲି। ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମାଧିରେ ନିବେଦନ କଲି। ତାଙ୍କ ଆଶୀର୍ବାଦ ପୁଷ୍ପ ପ୍ରସାଦ ଏହି ପତ୍ରରେ ପଠାଉଅଛି।

ଭୁପାଳ ଭାଇ ଏହି ମାସରେ ଡାଳିଯୋଡ଼ା ଯିବେ। ମା- ଏହି ନାମ ଜପ କରି କାମ କରନ୍ତୁ। ସବୁ ଶାନ୍ତିରେ ହେଉ। ସମସ୍ତ ସାଧକ ଭାଇମାନଙ୍କୁ ଶ୍ରୀମା'ଙ୍କ ଆଶୀର୍ବାଦ।

**୨୬.୧.୯୪ :** ସାଦର ସପ୍ରେମ ଶ୍ରୀମା'ଙ୍କ ଆଶୀର୍ବାଦ। ଆପଣଙ୍କ ୨୩.୧.୯୪ ପତ୍ର ଆଜି ୨୬.୧ରେ ପ୍ରପନ୍ନଙ୍କଠାରୁ ପାଇଲି। ଡାଳିଯୋଡ଼ା ଆଶ୍ରମ ଦେଖି ପ୍ରପନ୍ନ ବହୁତ ଖୁସି ହୋଇଛନ୍ତି। ମା'ଙ୍କ କୃପାରୁ ଡାଳିଯୋଡ଼ା ଆଶ୍ରମ ନିଶ୍ଚୟ ବିକାଶ କରି ଭାରତ ବର୍ଷରେ ଗୋଟିଏ ଆଦର୍ଶ ଆଶ୍ରମ ହେବ। ଡାଳିଯୋଡ଼ାର ସମସ୍ତ ସାଧକ ଭାଇମାନେ ମା- ଏହି ନାମ ଜପ କରି ମା'ଙ୍କ ସେବା ଭାବରେ ସମସ୍ତ କର୍ମକରି କରିବା ବହୁତ ଉତ୍ତମ। ମା'ଙ୍କ କୃପାରୁ ସବୁ ଭଲ ହେବ। ନୂଆ ଘରେ ଛାତ ପଡ଼ିଗଲେ ବହୁତ ଭଲ ହେବ। ଆଶ୍ରମର ସମସ୍ତ ସାଧକ ଭାଇମାନଙ୍କୁ ଶ୍ରୀମା'ଙ୍କ ଆଶୀର୍ବାଦ। ପ୍ରପନ୍ନଙ୍କ ସହିତ କଥାବାର୍ତ୍ତା କରିବି। ଧୂପ ସକାଶେ ବି କହିବି। ଡାଳିଯୋଡ଼ାରୁ ଚାଉଳ ଏବଂ ଡାଲି ପଠାଉଛନ୍ତି ବହୁତ ଭଲ କରୁଅଛନ୍ତି।

**୧୫.୧.୯୪ :** ସାଦର ସପ୍ରେମ ଶ୍ରୀମା'ଙ୍କ ଆଶୀର୍ବାଦ। ଆପଣଙ୍କ ୭.୧.୯୪ ପତ୍ର ଆଜି ୧୫.୧ରେ ପାଇଲି। ଶ୍ରୀମା ଶ୍ରୀଅରବିନ୍ଦଙ୍କ ସମାଧିରେ ନିବେଦନ କଲି। ତାଙ୍କ ଆଶୀର୍ବାଦ ପୁଷ୍ପ ପ୍ରସାଦ ଶୁଭ ନୂତନ ବର୍ଷ ଉପଲକ୍ଷ୍ୟେ ପଠାଉଅଛି। ଶୁଭ ଜନ୍ମଦିନ କାର୍ଡ଼ ମଧ୍ୟ ପଠାଉଅଛି। ଆଖୁ ଚାଷ ବହୁତ ଭଲ। ସେଥିରୁ ଭଲ ଆୟ ହେଉଛି।

ମା'ଙ୍କ କୃପାରୁ ଆଶ୍ରମ ଅଧ୍ୟାତ୍ମ ଏବଂ ଭୌତିକ ପ୍ରଣାଳୀରେ ଉନ୍ନତି ହେବ। ସମସ୍ତ ସାଧକ ଭାଇମାନଙ୍କୁ ଶ୍ରୀମା'ଙ୍କ ଆଶୀର୍ବାଦ।

***ଆପଣଙ୍କର ଶୁଭଚିନ୍ତକ***

***ଶ୍ରୀ ରାମକୃଷ୍ଣ ଦାସ***

# କଥାରେ କଥାରେ...

ଆଶ୍ରମର ଜଣେ ପୁରୁଣା ସାଧକ ପ୍ରତିଦିନ ଦାଦାଙ୍କ ଅଫିସ୍‌କୁ ଆସି ଦାଦାଙ୍କ ସାମ୍‌ନାରେ ଛିଡ଼ାହୋଇ ହାତ ଯୋଡ଼ି ପ୍ରଣାମ କରନ୍ତି । ଦାଦା ଅତି ସ୍ନେହରେ ହସି ପଚାରନ୍ତି,all right ? ଠିକ୍ ହ୍ୟାୟ ? feeling better ?

ସେ ବେକ ହଲାଇ କୁହନ୍ତି, ହଁ, ଦାଦା, ଫିଲିଂ ବେଟାର । ଭଦ୍ରବ୍ୟକ୍ତିଙ୍କର ନର୍ଭସ୍ ବେମାରୀ । ହାତ - ଗୋଡ଼ ଅବଶ ହୋଇ ଯାଉଛି । ଦାଦା କହିଲେ, ନର୍ଭସ୍ ବେମାରୀ ଭଲ କରିବାକୁ ହେଲେ ଦେହର ସର୍ବାଙ୍ଗରେ ଆନନ୍ଦକୁ ଆବାହନ କରିବା - to invoke delight in the body is the best way to cure nervous weakness. ଦାଦା ତାଙ୍କୁ ଦେଖିବାମାତ୍ରେ ହସନ୍ତି, ଅନାନ୍ତି, ଆଉ ପଚାରନ୍ତି, feeling better ?

ସିଏ ହସି ଉତ୍ତର ଦିଅନ୍ତି, ଇୟେସ ଦାଦା, ନାଓ ଆଇ ଫିଲ ବେଟାର । ନିଦ ହୁଏ ? ହଁ, ଦାଦା, ନିଦ ହୁଏ । ଭୋକ ହଉଛି ? ହଁ, ଦାଦା, ଭୋକ ହଉଛି । ମୋର ମନେ ଅଛି, ଆପଣ ବୋଧେ ୧୯୪୫ ମସିହାରେ ଆଶ୍ରମ ଆସିଥିଲେ ? ପ୍ଲେ - ଗ୍ରାଉଣ୍ଡରେ ମୋର ଶାରୀରିକ କ୍ରୀଡ଼ା କୌଶଳ ଡେମନ୍‌ଷ୍ଟ୍ରେସନ୍ ଦେଖି ଆପଣ କହିଥିଲେ, ଏମିତି ଚମତ୍କାର ଶାରୀରିକ କ୍ରୀଡ଼ା କୌଶଳ ଡେମନ୍‌ଷ୍ଟ୍ରେସନ ଜୀବନରେ ଦେଖିନାହିଁ । ଭଦ୍ରବ୍ୟକ୍ତି ଉତ୍‌ଫୁଲ୍ଲ ହୋଇ କହିଲେ, ଆପଣ ଏବେ ବି ମନେରଖିଛନ୍ତି ଦାଦା ? କହିବା ସାଙ୍ଗେ ସାଙ୍ଗେ ତାଙ୍କର ମୁହଁ ଆଖିରେ ଖୁସିରେ ଝଲକ୍ ଖେଳିଗଲା । ସେ ଚାଲିଯିବା ପରେ ଦାଦା କହିଲେ, କ'ଣ କରିବା ? ତାଙ୍କୁ ଖୁସି କରାଇପାରିଲେ ତାଙ୍କର ଦେହ ସୁସ୍ଥ ହୋଇଯିବ ।

xxx

ଦାଦା କହୁଥିଲେ, ଦିନେ ଅପରାହ୍ନରେ ବହରମପୁରର ଗଙ୍ଗାକୂଳ ବାଟରେ ବୁଲି ବାହାରିଛୁ । ତାରାବାବୁ ଆଉ ମୁଁ । ତାରାବାବୁ ଭଲ ସାଇକେଲ ରେସିଂ କରୁଥିଲେ । ଦେଖିଲି ନଦୀ କୂଳର ଗୋରାବାଲିରେ କାଦୁଅ ଭିତରେ, ଲୋକେ ଯାହାକୁ କୁହନ୍ତି ପଙ୍କୁଆମାଟି, ସେଥିରେ ଗୋଟିଏ ଗାଇ ଛିଡ଼ା ହୋଇ କ୍ରମଶଃ ଭିତରକୁ ପଶିଯାଉଛି । ଚାରିଗୋଡ଼ ଛାତି ପର୍ଯ୍ୟନ୍ତ କାଦୁଅରେ ପୋତି ହୋଇଯାଇଛି । ତେବେବି ଗାଈଟି ଚୁପ୍‌ଚାପ୍ ଛିଡ଼ା ହୋଇ ରହିଛି ।

ଆମେ ଦେଖିବାପରେ ଆଗକୁ ଗଲୁ । ସେତେବେଳେ ସନ୍ଧ୍ୟା ହୋଇ ଆସିଲାଣି । ସେଦିଗଟି ଜନମାନବ ଶୂନ୍ୟ । ଏହି ନିର୍ଜନ ନଦୀ କୂଳରେ ସନ୍ଧ୍ୟା ବେଳେ କାଦୁଅ ଭିତରେ ଗାଈଟି ପଶିଯାଉଛି । ଏହିପରି ରହିଲେ ବିଲୁଆ କୁକୁର କାମୁଡ଼ି ଖାଇବେ । ଆମେ ଦୁଇଜଣ ଗାଈଟିକୁ କାଦୁଅରୁ ବାହାର କରିବାପାଇଁ ବହୁତ ଚେଷ୍ଟା କଲୁ । ଅନେକ ଚେଷ୍ଟା କରିବା ପରେ ମଧ୍ୟ ଆମେ କିଛି କରିପାରିଲୁ ନାହିଁ । ସେତେବେଳେ ପାଖ ଗାଁକୁ ଯାଇ ଦୁଇପାଞ୍ଚଜଣ ଲୋକଙ୍କୁ ଗାଈଟିକୁ ଉଦ୍ଧାର କରିବାପାଇଁ ଡାକି ଆଣିଲୁ । ଦଉଡ଼ି ନେଇ ପାଞ୍ଚସାତଜଣ ଲୋକ ଆସିଲେ । ଅନେକ ପରିଶ୍ରମ କରି ଅନେକ କଷ୍ଟରେ ଗାଈଟିକୁ ସମସ୍ତେ ଟାଣି ବାହାର କଲୁ । ଗାଈଟିର ଦେହସାରା କାଦୁଅ । ଉପରକୁ ଆସି ଗାଈ ସେତେବେଳେ ନିର୍ବିବାଦରେ ଘାସ ଖାଇବାରେ ଲାଗିଲା । କୌଣସି ଭ୍ରୂକ୍ଷେପ ନାହିଁ । ଆମର ସେଦିନ ଘରକୁ ଫେରିବାକୁ ବହୁତ ରାତି ହୋଇଯାଇଥିଲା ।

*ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ*

*ଅନୁବାଦ: ନୀତା*

# Our Sacred Resolve

It is absolutely certain that we are extremely lucky to be born in the age of Mother and Sri Aurobindo. All their lives, Mother and Sri Aurobindo have worked untiringly for individual and collective progress. Their supreme contribution to the World-Consciousness is the glorious thought of Supramental Evolution. In unmistakable terms they have proclaimed that the Supramental is a Truth and its advent, inevitable.

Not only have they given us the ideal of Integral Supramental Transformation to live for, they have, through their various writings and sayings, shown us that the path to be followed is the path of self-purification through dedicated service, instructed us that the one thing needed to walk on this path is absolute and total surrender and armed us with the 'Ma Mantra' as the protection against all difficulties and dangers. And they have also created for us a place which takes care of all our needs so that, free from the burden of life's responsibilities, we can turn all our energies to the practice of this Truth. Mother and Sri Aurobindo, our gigantic leaders, have taken up all the responsibility of all those of us who have come to take part in this Supreme Adventure. They are with us all the time, helping us in every possible way.

So, as true followers, should we not concentrate on this work alone and do our best to bring about their Triumph? Should we not as their children, be preoccupied with that alone, in waking and in sleep, in all conditions and states of being? Should we not forget our petty selves completely and make a sincere and mighty effort to fulfill their Dream? If we can do that, we are men; otherwise we are no better than animals.

So, brothers and sisters, like true sadhaks, asking for nothing, not even success in sadhana, let us march on and fulfill our duty and responsibility, never forgetting all that we owe to them.

Victoire à la Douce Mère!

Vande Mataram!

**Pranab**

18-10-2009

# ଆମର ପବିତ୍ର ସଙ୍କଳ୍ପ

ଏହା ସମ୍ପୂର୍ଣ୍ଣ ନିଶ୍ଚିତ ଯେ ଆମ୍ଭେମାନେ ଶ୍ରୀମାଶ୍ରୀଅରବିନ୍ଦଙ୍କ ସମୟରେ ଜନ୍ମ ହୋଇଥିବା ଯୋଗୁଁ ଅତ୍ୟନ୍ତ ଭାଗ୍ୟବାନ। ବ୍ୟକ୍ତିଗତ ଓ ସାମୁହିକ ଅଗ୍ରଗତି ନିମନ୍ତେ ଶ୍ରୀମାଶ୍ରୀଅରବିନ୍ଦ ସେମାନଙ୍କ ଜୀବନବ୍ୟାପି ନିରଳସ ଭାବେ କାର୍ଯ୍ୟ କରିଛନ୍ତି। ବିଶ୍ୱ ଚେତନା ପ୍ରତି ତାଙ୍କର ସର୍ବଶେଷ୍ଠ ଅବଦାନ ହେଲା ଅତିମାନସ ବିବ□ନ ନିମନ୍ତେ ଦେଇଥିବା ଜ୍ୟୋର୍ତିମୟ ବାର୍ତ୍ତା। ଅଭ୍ରାନ୍ତ ଭାଷାରେ ସେମାନେ ଘୋଷଣା କରିଛନ୍ତି ଯେ, ଅତିମାନସ ଏକ ଦିବ୍ୟସତ୍ୟ ଏବଂ ଏହାର ଆଗମନୀ ଅନିବାର୍ଯ୍ୟ।

ସେମାନେ କେବଳ ପୂର୍ଣ୍ଣାଙ୍ଗ ଅତିମାନସ ରୂପାନ୍ତରିତ ଜୀବନଯାପନ ନିମନ୍ତେ ଏକ ଆଦର୍ଶ ଦେଇନାହାନ୍ତି, ତାଙ୍କର ବିଭିନ୍ନ ରଚନା ଏବଂ ଆଲୋଚନା ମାଧ୍ୟମରେ ଯେଉଁ ପଥ ଅନୁସରଣ କରିବାକୁ ହେବ ତାହା ପ୍ରଦର୍ଶନ କରିଯାଇଛନ୍ତି। ତାହାହେଲା ଉତ୍ସର୍ଗୀକୃତ ସେବା ଦ୍ୱାରା ଆତ୍ମଶୁଦ୍ଧିର ପଥ। ସେମାନେ ଆମ୍ଭମାନଙ୍କୁ ଏହି ସନ୍ଦେଶ ଦେଇଛନ୍ତି ଯେ, ଏହି ପଥରେ ଚ୍ଲିବାକୁ ଏକାନ୍ତ ଆବଶ୍ୟକୀୟ ବସ୍ତୁ ହେଲା ସମ୍ପୂର୍ଣ୍ଣ ଓ ଅଖଣ୍ଡ ସମର୍ପଣ। ସମସ୍ତ ବାଧାବିଘ୍ନ ଓ ବିପଦରୁ ସୁରକ୍ଷିତ ରହିବା ନିମନ୍ତେ ସେମାନେ'ମା' ମନ୍ତ୍ର ଦ୍ୱାରା ଆମକୁ ସୁସଜ୍ଜିତ କରିଯାଇଛନ୍ତି। ସେମାନେ ଆମ୍ଭମାନଙ୍କ ନିମନ୍ତେ ଏପରି ଏକ ସ୍ଥାନ ସୃଷ୍ଟି କରିଛନ୍ତି ଯାହା ଆମ୍ଭମାନଙ୍କର ସକଳ ଆବଶ୍ୟକତା ପୂରଣ କରିପାରିବ; ଯାହା ଫଳରେ କି ଜୀବନର ଦାୟିତ୍ୱ ସବୁରୁ ମୁକ୍ତ ହୋଇ ଆମେ ଆମର ସକଳ ଶକ୍ତିକୁ ଦିବ୍ୟସତ୍ୟର ପ୍ରାପ୍ତି ନିମନ୍ତେ ନିୟୋଜିତ କରିପାରିବୁ।

ଆମ୍ଭମାନଙ୍କର ମହାନ୍ ସର୍ବସମର୍ଥମୟ ପଥପ୍ରଦର୍ଶକ ଶ୍ରୀମାଶ୍ରୀଅରବିନ୍ଦ ଏହି ଦିବ୍ୟ ଅଭିଯାନରେ ଅଂଶଗ୍ରହଣ କରିଥିବା ସମସ୍ତଙ୍କର ଦାୟିତ୍ୱ ବହନ କରିଅଛନ୍ତି। ସେମାନେ ସବୁ ସମୟରେ ଆମ୍ଭମାନଙ୍କ ସହିତ ରହି ସମସ୍ତ ସମ୍ଭାବ୍ୟ ଉପାୟରେ ସାହାଯ୍ୟ କରୁଛନ୍ତି।

ତେଣୁ ତାଙ୍କର ଯଥାର୍ଥ ଅନୁଗାମୀ ହିସାବରେ କେବଳ ଏହି କାର୍ଯ୍ୟରେ ସମ୍ପୂର୍ଣ୍ଣ ଏକାଗ୍ର ହୋଇ ସେମାନଙ୍କ ବିଜୟ ନିମନ୍ତେ କାର୍ଯ୍ୟକରିବା ଆମ୍ଭମାନଙ୍କର ସର୍ବୋତ୍ତମ କାର୍ଯ୍ୟ ହେବା ଉଚିତ୍ ନୁହେଁ କି ? ତାଙ୍କର ଯଥାର୍ଥ ସନ୍ତାନ ହିସାବରେ ଜାଗ୍ରତରେ ହେଉ ବା ନିଦ୍ରାରେ ହେଉ, ଜୀବନର ସକଳ ଅବସ୍ଥାରେ କେବଳ ଏହି କାର୍ଯ୍ୟ ଆମ୍ଭମାନଙ୍କର କରଣୀୟ ହେବା ଉଚିତ୍ ନୂହେଁ କି ? ସେମାନଙ୍କର ମହାନ୍ ସ୍ୱପ୍ନକୁ ପରିପୂରଣ କରିବା ନିମନ୍ତେ ଆମ୍ଭମାନଙ୍କର କ୍ଷୁଦ୍ର ସୀମିତ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ଭୁଲିଯାଇ ଏକ ଆନ୍ତରିକ ଏବଂ ଯୁକ୍ତିପ୍ରଦ ପ୍ରଚେଷ୍ଟା କରିବା ଉଚିତ୍ ହେବ ନାହିଁକି ? ଆମେ ଯଦି ଏହା କରୁ, ତାହା ହେଲେ ହିଁ ଆମେ ମନୁଷ୍ୟ ପଦବାଚ୍ୟ ଅନ୍ୟଥା ଆମ୍ଭେମାନେ ପଶୁଠାରୁ ତିଳେ ବି ଅଧିକ ନୋହୁଁ।

ତେଣୁ ଭାଇଭଉଣୀମାନେ ! ଯଥାର୍ଥ ସାଧକ ସାଧିକା ସଦୃଶ କିଛି ବି ନ ଚାହିଁ ଏପରିକି ସାଧନାରେ ସଫଳତା ବି ନ ଚାହିଁ , ତାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରିବାକୁ କେବେ ବି ନଭୁଲି ଆମ୍ଭମାନଙ୍କର କ□ବ୍ୟ ଓ ଦାୟିତ୍ୱ ପୂରଣ କରିବା ନିମନ୍ତେ ଆଗେଇଯିବା।

ଦିବ୍ୟଜନନୀଙ୍କର ଜୟ ହେଉ।

ବନ୍ଦେମାତରମ୍। **– ପ୍ରଣବ**

୧୮-୧୦-୨୦୦୯

# Synopsis କିପରି ପ୍ରସ୍ତୁତ କରିବ ?

ଶ୍ରୀମା, ଶ୍ରୀଅରବିନ୍ଦ ସମଗ୍ର ମାନବ ସମାଜର କଲ୍ୟାଣ ପାଇଁ ନୂତନ ଆଲୋକର ସନ୍ଧାନ ଦେଇଛନ୍ତି । ଏହା ସେମାନଙ୍କର ଅସୁମାରି ଲେଖା ତଥା କାର୍ଯ୍ୟାବଳୀ ମାଧ୍ୟମରେ ପ୍ରକାଶିତ । ମାନବଜାତି ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ଯଥାର୍ଥ ସାମଧାନ ପାଇଁ ଏବଂ ତଦ୍ୱାରା ଭବିଷ୍ୟତରେ ଉଚ୍ଚତର ଚେ୍ତନାଯୁକ୍ତ ଏକ ନୂତନ ଜାତି (race) ର ପ୍ରତିଷ୍ଠା ପାଇଁ ଏଥିରେ ଦିଗ୍‌ଦର୍ଶନ ଦିଆଯାଇଛି । ଏହି ଲେଖା ଓ କାର୍ଯ୍ୟାବଳୀର ଗଭୀର ଅଧ୍ୟୟନ, ବିଶ୍ଳେଷଣ ତଥା ସାଧାରଣ ଜୀବନରେ ତାହାର ପ୍ରୟୋଗ ଆସ୍ପୃହାଶୀଳ ଆମ ସମସ୍ତଙ୍କର କର୍ତ୍ତବ୍ୟ । ଏହି ଲକ୍ଷ୍ୟକୁ ଆଗରେ ରଖି ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟର କାର୍ଯ୍ୟକ୍ରମ ଗବେଷଣା ଆଧାରିତ ହେଲେ ମଧ୍ୟ ଶ୍ରୀମାଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ ସାଧନାର ଅନ୍ୟତମ ଅପରିହାର୍ଯ୍ୟ ମାଧ୍ୟମ ।

ଶ୍ରୀମା ଶ୍ରୀଅରବିନ୍ଦଙ୍କ ଲିଖିତ ବିଭିନ୍ନ ବିଷୟ (subject) ଉପରେ ଗବେଷଣାତ୍ମକ ଅଧ୍ୟୟନ କରି ନିବନ୍ଧ (thesis) ରଚ୍‌ନା କରିବା ଏବଂ ତଦ୍ୱାରା ନିଜର ତଥା ଅନ୍ୟମାନଙ୍କ ଚେ୍ତନାର ବିକାଶରେ ସହାୟକ ହେବା ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ।

ଏହାର ଶିକ୍ଷାର୍ଥୀ ନିଜର ନାମ ପଞ୍ଜିକରଣ ନିମିତ୍ତ, ଆବଶ୍ୟକ ଦରଖାସ୍ତ ଫର୍ମଟି ପୂରଣ କରି ତା'ସହିତ ଗବେଷଣା ପାଇଁ ବାଛିଥିବା ବିଷୟ ବସ୍ତୁଟି ଉପରେ ଗୋଟିଏ synopsis ବା ସଂକ୍ଷିପ୍ତ ସାର ଦାଖଲ କରିବାର ବ୍ୟବସ୍ଥା ରହିଛି । ଦେଖାଯାଉଛି ଏହି synopsis ବା ଯୋଜନାଟି କିପରି ପ୍ରସ୍ତୁତ କରିବାକୁ ହେବ, ଏ ବିଷୟରେ ଅନେକ ଇଚ୍ଛୁକ ଅପା ଭାଇ ଜିଜ୍ଞାସା କରୁଛନ୍ତି । ସେ ସମ୍ପର୍କରେ କିଛି ସୂଚନା ଦେବା ଏହି ଲେଖାଟିର ଉଦ୍ଦେଶ୍ୟ ।

Synopsis ବା ସଂକ୍ଷିପ୍ତସାର ଅଧ୍ୟୟନ ତଥା ଗବେଷଣା ନିମିତ୍ତ ଗ୍ରହଣ କରାଯାଇଥିବା କାର୍ଯ୍ୟଟି ପାଇଁ ଏକ ସଂକ୍ଷିପ୍ତ ଯୋଜନା । ଗବେଷଣାତ୍ମକ ନିବନ୍ଧଟିର ଏହା ଏକ ମଡେଲ ବା କ୍ଷୁଦ୍ର ନମୁନା । ଏଥିରେ ରହିବ-

(1) ଗବେଷଣା ପାଇଁ ନିର୍ବାଚିତ ବିଷୟ ବସ୍ତୁଟିର ନାମ ।
(2) ଗବେଷକ/ ଶିକ୍ଷାର୍ଥୀଙ୍କର ନାମ ।
(3) ଉପଦେଷ୍ଟା/ ପରାମର୍ଶ ଦାତା (Counsellor) ଙ୍କ ନାମ ।
(4) ଗବେଷଣାର ସ୍ଥାନ / ଅନୁଷ୍ଠାନର ନାମ ଓ ଠିକଣା ।
(5) ନିର୍ବାଚିତ ବିଷୟ ବସ୍ତୁଟି ଉପରେ ନିବନ୍ଧ ରଚନା କରିବା ପାଇଁ ସ୍ଥିରୀକୃତ ଯୋଜନାର ରୂପରେଖ ।
(6) ଶିକ୍ଷାର୍ଥୀଙ୍କର ସଙ୍କଳ୍ପ, ସ୍ୱାକ୍ଷର ଓ ତାରିଖ ।
(7) ଉପଦେଷ୍ଟାଙ୍କର ମତାମତ, ସ୍ୱାକ୍ଷର ଓ ତାରିଖ ।

ଏଥିମଧ୍ୟରୁ ବାସ୍ତବରେ ନଂ5 ଟି ହେଉଛି synopsisର ମୁଖ୍ୟ ଅଂଶ ।

ଏହା ପ୍ରସ୍ତୁତ କରିବା ପୂର୍ବରୁ ଶିକ୍ଷାର୍ଥୀଙ୍କର ବିଷୟ ବସ୍ତୁଟି ପ୍ରତି କିଛି ଆଗ୍ରହ ରହିଥିବା ସ୍ୱାଭାବିକ କଥା ଏବଂ ନିଶ୍ଚିତ ଭାବରେ ତତ୍ ସମ୍ବନ୍ଧୀୟ କିଛି କିଛି ପଢ଼ାପଢି କରି ଜାଣିଥିବେ । ନଚେତ ଉପଦେଷ୍ଟାଙ୍କର ପରାମର୍ଶ ଅନୁଯାୟୀ

ସେ ବିଷୟରେ କିଛି ଅଧ୍ୟୟନ କରିବେ । ତଦ୍ୱାରା ନିଜ ଯୋଜନାଟି ପ୍ରସ୍ତୁତ କରିବା ସହଜ ବୋଧ ହେବ ।

Synopsisଟିରେ ରହିବ -

(i) ଉପକ୍ରମଣିକା (Introduction)

(ii) ଅଧ୍ୟୟନ ତଥା ନିବନ୍ଧଟି ଲେଖିବା ପାଇଁ ସ୍ଥିର କରଯାଇଥିବା ନକ୍ସା ବା ବିଭିନ୍ନ ଅଧ୍ୟାୟର କ୍ରମିକ ସୂଚନା(Chapterisation)

(iii) ଉପସଂହାର (Conclusion)

(iv) Synopsis ପ୍ରସ୍ତୁତିରେ ବ୍ୟବହୃତ ସହାୟକ ଗ୍ରନ୍ଥ, ପୁସ୍ତକ ଓ ପତ୍ରପତ୍ରିକାର ସୂଚୀ ।

(i) ଉପକ୍ରମଣିକା(Introduction)

ଏଠାରେ ରହିବ ଗବେଷଣା ପାଇଁ ମନୋନୀତ ବିଷୟବସ୍ତୁଟି ଉପରେ ଏକ ସଂକ୍ଷିପ୍ତ ଆଭାସ ଏବଂ ବିଷୟ ବସ୍ତୁଟି ସମ୍ପୂର୍ଣ୍ଣ ନୂତନ ନଥିଲେ ସେ ସମ୍ପର୍କରେ ଅନ୍ୟ ଗବେଷକମାନଙ୍କ କାର୍ଯ୍ୟର ଏକ ସଂକ୍ଷିପ୍ତ ସୂଚନା । ଏହି ସୂଚନା ଦେବାବେଳେ ମିଳିଥିବା ତଥ୍ୟଗୁଡିକର ମୌଳିକ ଉତ୍ସ ଅର୍ଥାତ୍ ସହାୟକ ଗ୍ରନ୍ଥ/ ପୁସ୍ତକ/ ପତ୍ରପତ୍ରିକାର କ୍ରମିକ ବିବରଣୀ । ଏଗୁଡିକ 1,2,3,4 ଇତ୍ୟାଦି ସଂଖ୍ୟା ଦ୍ୱାରା ଚିହ୍ନିତ କରିବାକୁ ହେବ । ଗ୍ରନ୍ଥସୂଚୀ ବା Bibliographyରେ ଏହି ପ୍ରତ୍ୟେକ ସଂଖ୍ୟାର ସବିଷଦ ସୂଚନା ମିଳିବ । ଅନ୍ୟଥା ଏହି ଗ୍ରନ୍ଥ ବା ପତ୍ର ପତ୍ରିକାର ସୂଚନା ମଧ୍ୟ ପାଦଟୀକା ଆକାରରେ ଦିଆଯାଇପାରେ । ଏତଦ୍‌ବ୍ୟତୀତ ଏଥିରେ ରହିବ ଚୟନ କରାଯାଇଥିବା ବିଷୟ ବସ୍ତୁଟି ଉପରେ ଗବେଷଣାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ । ଏହି ଉଦ୍ଦେଶ୍ୟ ଗବେଷକଙ୍କର ବିଷୟଟି ସମ୍ପର୍କରେ ଅଧିକ ଜାଣିବା ପାଇଁ ଗଭୀର ଆଗ୍ରହରୁ ବା ନୂତନ କୌଣସି ତଥ୍ୟର ଆବିଷ୍କାର ପାଇଁ ପ୍ରବୃତ୍ତିରୁ କିମ୍ବା କୌଣସି ଐତିହାସିକ ତଥ୍ୟାବଳୀ ସଂଗ୍ରହ କରି ସ୍ଥାୟୀ ଭାବେ ରଖିବାର ଚେଷ୍ଟାରୁ ବା ସେହିପରି କିଛି ପ୍ରେରଣାରୁ ଆସିପାରେ । ଗବେଷକ ଉପକ୍ରମଣିକାଟିର ଶେଷ ଆଡକୁ ସେ ବିଷୟରେ କିଛି ସୂଚନା ଦେବେ ଏବଂ ସେହି ଲକ୍ଷ୍ୟ ପୂର୍ତ୍ତି ପାଇଁ କରାଯାଇଥିବା ଯୋଜନାଟି ବିଷୟ ଉଲ୍ଲେଖ କରିବେ ।

(ii)ଅଧ୍ୟାୟୀକରଣ (Chapterisation)

ଗବେଷଣା ପାଇଁ ବଛା ଯାଇଥିବା ବିଷୟ ବସ୍ତୁଟି କିପରି ଅଧ୍ୟୟନ କରିବାକୁ ହେବ ଏବଂ କେଉଁ କ୍ରମ ଓ ଶୈଳୀରେ ତାହା ଲେଖା ମାଧ୍ୟମରେ ଉପସ୍ଥାପନା କରାଯିବ, ତାହାର ଗୋଟିଏ ନକ୍ସା ପ୍ରସ୍ତୁତି ହିଁ ଅଧ୍ୟାୟୀକରଣ । ଏହା ବିଷୟ ବସ୍ତୁଟିର ପ୍ରକୃତି ଓ ଲକ୍ଷ୍ୟ ଉପରେ ନିର୍ଭର କରିଥାଏ । ସେଥିପାଇଁ ପରାମର୍ଶଦାତାଙ୍କ ସହ ଆଲୋଚନା କରି ତାହା ପ୍ରସ୍ତୁତ କରିବା ସୁବିଧାଜନକ । ଏଥିରେ ସମଗ୍ର ବିଷୟ ବସ୍ତୁଟିକୁ କେତୋଟି ଅଧ୍ୟାୟରେ ବିଭକ୍ତ କରିବାକୁ ହୁଏ ଏବଂ କେଉଁ ଅଧ୍ୟାୟରେ କେଉଁ ବିଭାବଟି ସବିଶେଷ ଆଲୋଚନା କରାଯିବ ତାହାର ଏକ ସଂକ୍ଷିପ୍ତ ସୂଚନା ଦିଆଯାଏ । ଅଧ୍ୟାୟୀକରଣ ଏପରି କରିବାକୁ ହେବ ଯେପରିକି ପର ଆଧ୍ୟାୟଟି ଏହାର ପୂର୍ବବର୍ତ୍ତୀ ଅଧ୍ୟାୟର ପରିପୂରକ ହେଉଥିବ ଏବଂ ସମଗ୍ର ନିବନ୍ଧଟି ପାଠ କଲାବେଳେ କୌଣସି ସ୍ଥାନରେ ବିଚ୍ଛିନ୍ନତା କିମ୍ବା ବ୍ୟତିକ୍ରମ ବୋଧ ହେଉନଥିବ । ଏହି ପ୍ରସ୍ତୁତି ସମୟରେ ପ୍ରତି ଅଧ୍ୟାୟର କେଉଁ ସ୍ଥାନରେ କେଉଁ ମୁଖ୍ୟ ଗ୍ରନ୍ଥ ଅଥବା ପତ୍ରପତ୍ରିକାର ସହାୟତା ନିଆଯାଇଛି ତାହା

କ୍ରମିକ ନମ୍ବର ଦ୍ୱାରା ସୂଚାଇବାକୁ ହୁଏ । ଅଧ୍ୟାୟ ସମୂହର ଶେଷ ଅଧ୍ୟାୟଟି ଉପସଂହାର ପାଇଁ ଉଦ୍ଦିଷ୍ଟ । ଏଥିରେ ପୂର୍ବ ଅଧ୍ୟାୟମାନଙ୍କରେ ସଂଗୃହିତ ତଥ୍ୟାବଳୀର ବିଶ୍ଳେଷଣ କରି ଗବେଷକ କେଉଁ ଲକ୍ଷ୍ୟ ଏବଂ ଉପଲବ୍ଧିରେ ଉପନୀତ ହେବାର ଆଶା ରଖିଛନ୍ତି, ତାହାର ଏକ ସୂଚନା ଦିଆଯାଏ ।

**(iii) କାର୍ଯ୍ୟକାରୀ ସହାୟକ ଗ୍ରନ୍ଥସୂଚୀ**

**(Working bibliography)**

ଆଗରୁ କୁହାଯାଇଛି ଯେ ସଂକ୍ଷିପ୍ତସାର (Synopsis)ଟି ଲେଖିଥିବାବେଳେ ଉପଦେଷ୍ଟାଙ୍କ ପରାମର୍ଶ ଅନୁଯାୟୀ ଶିକ୍ଷାର୍ଥୀଙ୍କୁ ପ୍ରଥମେ କେତେକ ପୁସ୍ତକ ଓ ପତ୍ରପତ୍ରିକାରେ ପ୍ରକାଶିତ ଗବେଷଣାତ୍ମକ ନିବନ୍ଧ ଅଧ୍ୟୟନ କରି ସେଥିରୁ ନିଜ ଲେଖା ପାଇଁ ଆବଶ୍ୟକ ତଥ୍ୟ ସଂଗ୍ରହ କରିବାକୁ ପଡିଥାଏ । ସେହି ତଥ୍ୟ ସବୁ ସଂକ୍ଷିପ୍ତ ସାରର ବିଭିନ୍ନ ସ୍ଥାନରେ ଆବଶ୍ୟକତା ଅନୁସାରେ ଉପସ୍ଥାପନ କରିବାକୁ ପଡେ ଏବଂ ସେଠାରେ 1, 2, 3 ଇତ୍ୟାଦି କ୍ରମିକ ସଂଖ୍ୟାଦ୍ୱାରା ସେଗୁଡିକର ଉତ୍ସ ସୂଚାଇ ଦିଆଯାଇଥାଏ । ଲେଖା ଶେଷରେ ଏହି ସୂଚନାକାରୀ ସଂଖ୍ୟାଗୁଡିକର ଯଥାର୍ଥ ବିବରଣୀ କ୍ରମାନ୍ୱୟରେ ସନ୍ନିବେଶିତ କରାଯାଏ । ଏହାହିଁ ହୁଏ କାର୍ଯ୍ୟକାରୀ ଗ୍ରନ୍ଥସୂଚୀ । ମନେକରନ୍ତୁ ଆପଣ ଆସ୍ପୃହା (Aspiration) ଉପରେ ଲେଖିଥିବାବେଳେ ମା'ଙ୍କର ଗୋଟିଏ ବାଣୀ ଯଥା "A constant aspiration conquers all defect" ଉଦ୍ଧାର କରି ସେଠାରେ ତାହାକୁ 1 ସଂଖ୍ୟାଦ୍ୱାରା ସୂଚାଇଛନ୍ତି । ତେଣୁ କାର୍ଯ୍ୟକାରୀ ଗ୍ରନ୍ଥସୂଚୀରେ ଆପଣ ଏହାର ବିସ୍ତାରିତ ସୂଚନା ଦେବେ-

1. Collected works of The Mother, V-14, P-73 (2004)

(Second edition)

ଏଠାରେ "V"ର ଅର୍ଥ Volume ବା ସଂଖ୍ୟା, "P"ର ଅର୍ଥ Page ବା ପୃଷ୍ଠା ଏବଂ (2004)ର ଅର୍ଥ ପ୍ରକାଶିତ ହୋଇଥିବା ମସିହା । ସେହିପରି ଆପଣଙ୍କ ଲେଖାରେ ନବପ୍ରକାଶରେ ପ୍ରକାଶିତ କୌଣସି ପ୍ରବନ୍ଧର ସହାୟତା ନିଆଯାଇଛି ଓ ତାହାକୁ ଆପଣ ଲେଖାରେ 2 ସଂଖ୍ୟା ଦ୍ୱାରା ସୂଚାଇଛନ୍ତି । ତେଣୁ ଗ୍ରନ୍ଥସୂଚୀରେ ଏହାର ବିସ୍ତାରିତ ସୂଚନା ହେବ-

୨. "ଆସ୍ପୃହାରେ ପ୍ରତିବନ୍ଧକ" - ଶ୍ରୀ/ ଶ୍ରୀମତୀ....

(ପ୍ରବନ୍ଧର ନାମ) (ଲେଖକ)

ନବପ୍ରକାଶ, ସଂଖ୍ୟା-7, ପୃ-54 (2006)

(ପତ୍ରିକାର ନାମ)

ଏହିପରି ଭାବରେ Synopsis ଟି ଲେଖିସାରିବା ପରେ ଶିକ୍ଷାର୍ଥୀ ତାଙ୍କର ପୂର୍ଣ୍ଣ ଦସ୍ତଖତ, ତାରିଖ ଏବଂ ତାଙ୍କର ଯୋଗାଯୋଗ ଠିକଣା ତଥା ଫୋନ ନମ୍ବର ଇତ୍ୟାଦି ଉଲ୍ଲେଖ କରିବେ ।

ଶେଷରେ ରହିବ ପରାମର୍ଶଦାତାଙ୍କର ମନ୍ତବ୍ୟ- ଏଠାରେ ପରାମର୍ଶଦାତା ଲେଖାଟି ବିଷୟରେ ତାଙ୍କର ମତାମତ ଉଲ୍ଲେଖ କରି ଗବେଷଣା କାର୍ଯ୍ୟରେ ଶିକ୍ଷାର୍ଥୀଙ୍କୁ ଦିଗ୍‌ଦର୍ଶନ ଦେବା ପାଇଁ ନିଜର ସହମତି ପ୍ରକାଶ କରିବେ ଏବଂ ଶିକ୍ଷାର୍ଥୀଙ୍କର ନାମ ପଞ୍ଜୀକରଣ କରିବା ପାଇଁ ଶ୍ରୀଅରବିନ୍ଦ ବିଶ୍ୱବିଦ୍ୟାଳୟର ଆବାହକଙ୍କୁ ପରାମର୍ଶ ଦେଇ ନିଜର ସ୍ୱାକ୍ଷର ଦେବେ ।

***ଶରତ ଚନ୍ଦ୍ର ମିଶ୍ର***

# ଅଣସାଧନା

(ପୂର୍ବ ପ୍ରକାଶିତ ଉତ୍ତାରୁ...) ଏହିପରି ଭାବରେ ସମଗ୍ର ବିଶ୍ୱସୃଷ୍ଟିର ପ୍ରକ୍ରିୟା ଓ ଚାଳନା ଭିତରେ, ଏକ ସମୟରେ ସେହି ଏକ ଭଗବାନଙ୍କର ଦିବ୍ୟ ସଙ୍କଳ୍ପ କାର୍ଯ୍ୟକାରୀ ହେଉଛି ଦୁଇଟି ବିଧାନ ଭିତରେ ଚେତନାର ଦୁଇଟି ରୂପ ନେଇ। ଗୋଟିଏ ହେଉଛି ପରା-ପ୍ରକୃତିର ବିଧାନ ଯେଉଁଠି ସ୍ୱୟଂପ୍ରକାଶଶୀଳ ଭଗବତ୍ ଚେତନା ନିଜ ସଙ୍କଳ୍ପ ସମ୍ପର୍କରେ ଆତ୍ମସଚେତନ, ଅନ୍ୟଟି ହେଲା ଅପରା-ପ୍ରକୃତିର ବିଧାନ ଯେଉଁଠି ସ୍ୱୟଂ ଆବୃତ ଭଗବତ୍ ଚେତନା ନିଜ ସଙ୍କଳ୍ପ ସମ୍ପର୍କରେ ଆତ୍ମବିସ୍ମୃତ।

ସେଇଥିପାଇଁ ବିବର୍ତ୍ତନର ଶ୍ରେଷ୍ଠ ଜୀବ ମଣିଷର ଚେତନା କ୍ଷେତ୍ରରେ ମଧ୍ୟ ପରା-ପ୍ରକୃତି ଓ ଅପରା-ପ୍ରକୃତିର ଏହି ଦୁଇଟି ଛନ୍ଦ ଏକ ସମୟରେ ଯୁଗପତ୍ ବାଜି ଚାଲିଛି। ଆମର ଦେହ, ପ୍ରାଣ, ମନକୁ ନେଇ ଗଠିତ ଅହଂର ଚେତନାରେ ଅପରାପ୍ରକୃତିର ବିଧାନହିଁ କ୍ରିୟାଶୀଳ। ତଥାପି ତାହାକୁ ଧାରଣ କରି ତାହାର ଊର୍ଦ୍ଧ୍ୱ ଓ ପଶ୍ଚାତରେ ରହିଛି ପରା-ପ୍ରକୃତିର ଦିବ୍ୟ ଚେତନା, ଦିବ୍ୟଜନନୀଙ୍କର ସମସ୍ତ ଜ୍ଞାନ, ଜ୍ୟୋତି ଓ ଆନନ୍ଦ। ଆମ ସତ୍ତାର ଗଭୀର ଅନ୍ତରରେ ବିଦ୍ୟମାନ ରହିଛି ଚୈତ୍ୟ ଚେତନା, ଯାହାକି ପରା-ପ୍ରକୃତିର ଦିବ୍ୟଚେତନାରହିଁ ଅଂଶ ବିଶେଷ, ଅପରାର ଲୀଳା ଭିତରେ ପରା-ଚେତନାର ପ୍ରତିନିଧି। ଆମର ଅହଂ ଚେତନାର ଊର୍ଦ୍ଧ୍ୱ ଓ ପଶ୍ଚାତରେ ବିରାଜମାନ ପରାପ୍ରକୃତିର ଦିବ୍ୟଚେତନା ସହ ମିଳିତ ହେବାରେହିଁ ରହିଛି ଆମ ଲକ୍ଷ୍ୟସିଦ୍ଧିର ଗୋପନ ରହସ୍ୟ। ତେଣୁ ଶ୍ରୀଅରବିନ୍ଦ କହିଛନ୍ତି, "ଏହା ସ୍ପଷ୍ଟ ଯେ ଦୁଇଟି ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ହୃଦୟ କେନ୍ଦ୍ରର ଉନ୍ମୀଳନ ଏବଂ ମନ-କେନ୍ଦ୍ରଗୁଡ଼ିକର ଉନ୍ମୀଳନ।

ଏହି କେନ୍ଦ୍ରଗୁଡ଼ିକ ଉନ୍ମୀଳିତ ହୁଏ ସେହି ସମସ୍ତ ଦିବ୍ୟ ସତ୍ୟ ପ୍ରତି ଯାହାକି ଏହାର ପଶ୍ଚାତ ଓ ଊର୍ଦ୍ଧ୍ୱରେ ବିଦ୍ୟମାନ ରହିଛି। ହୃଦୟ ଖୋଲିଯାଏ ଚୈତ୍ୟସତ୍ତା ପ୍ରତି ଏବଂ ମନର କେନ୍ଦ୍ରଗୁଡ଼ିକ ଖୋଲେ ଉଚ୍ଚତର ଦିବ୍ୟ ଚେତନା ପ୍ରତି ଏବଂ ଚୈତ୍ୟପୁରୁଷ ଓ ଉଚ୍ଚତର ଚେତନାର ସଙ୍ଗମହିଁ ହେଉଛି ସିଦ୍ଧିର ପ୍ରଧାନ ଉପାୟ।" "ହୃଦୟର ଉନ୍ମୀଳନ ଦ୍ୱାରା ମା'ଙ୍କର ଉପସ୍ଥିତି ଅନୁଭୂତ ହେବାକୁ ଆରମ୍ଭ ହୁଏ, ଏବଂ ମା'ଙ୍କର ଊର୍ଦ୍ଧ୍ୱସ୍ଥ ଦିବ୍ୟଶକ୍ତି ଆଡ଼କୁ ଖୋଲି ଧରିବା ଦ୍ୱାରା ଉଚ୍ଚତର ଚେତନାର ଦିବ୍ୟ ଶକ୍ତି ଆଧାର ଭିତରକୁ ଆସେ ଓ ସେଠାରେ ସମଗ୍ର ପ୍ରକୃତିକୁ ବଦଳାଇବା ପାଇଁ କାର୍ଯ୍ୟ କରେ।"

ତେଣୁ ଅପରା-ପ୍ରକୃତିର ନିୟମରେ ଆବଦ୍ଧ ଅହଂଗତ ମନ ଓ ପ୍ରାଣର କୌଣସି ସାଧନା, ତପସ୍ୟା, ପ୍ରୟାସ ବା ସଙ୍କଳ୍ପର ଶକ୍ତି ନୁହେଁ ପରା-ପ୍ରକୃତିର ଦିବ୍ୟ ବିଧାନକୁ ଧାରଣ ଓ କ୍ରିୟାଶୀଳ କରୁଥିବା ଭଗବତୀ ଦିବ୍ୟଜନନୀଙ୍କ ଶକ୍ତିହିଁ ଏହି ଯୋଗରେ ସିଦ୍ଧି ଆଣିଦେବ। ତେଣୁ ଆମେ ଯେତେବେଳେ ଭଗବାନଙ୍କୁ କହୁ 'ତୁମର ଇଚ୍ଛାହିଁ ପୂର୍ଣ୍ଣ ହେଉ' ସେତେବେଳେ ଏହା ସେହି ଦିବ୍ୟ ଜନନୀଙ୍କ ଶକ୍ତିକୁହିଁ ଆବାହନ କରିବା। ଯେଉଁ ଭଗବତ୍ ଦିବ୍ୟଚେତନା ନିଜକୁ ଓଲଟାଇ ଦେଇ ଅଦିବ୍ୟର ରୂପ ନେଇଛି, ଏହି ଜଡ଼ ବିଶ୍ୱର

ରୂପ ନେଇଛି, ଆମ ଅହଂର ରୂପ ନେଇଛି, କେବଳ ସେହି ଭଗବତ୍ ଚେତନାହିଁ ନିଜର ପରାଶକ୍ତି ଦ୍ୱାରା ନିଜକୁ ପୁଣି ଥରେ ଓଲଟାଇ ଦେଇ ସେହି ଅଦିବ୍ୟ ଭିତରୁ ନିଜ ଦିବ୍ୟତ୍ୱକୁ ଫେରି ପାଇବ ଓ ସେହି ଅଦିବ୍ୟକୁ ରୂପାନ୍ତରିତ କରି ତା' ଭିତରେ ନିଜ ଦିବ୍ୟତ୍ୱକୁ ପ୍ରକଟ କରିପାରିବ। ଏହାହିଁ ପୂର୍ଣ୍ଣଯୋଗର ସିଦ୍ଧି। ଏହା ସମ୍ପନ୍ନ କରିବା ପାଇଁ ଆମ ନିଜର କୌଣସି ସାଧନା, କୌଣସି ସଙ୍କଳ୍ପ ବା ପ୍ରୟାସ ସମର୍ଥ ନୁହେଁ। କେବଳ ଭଗବାନଙ୍କ ପରାଶକ୍ତି ଦିବ୍ୟଜନନୀହିଁ ଜାଣନ୍ତି ଅପରାରେ ଆବଦ୍ଧ ଆମ ଚେତନାକୁ ଓଲଟାଇ ଦେବାପାଇଁ ଆମ ଆଧାର ଭିତରେ କେଉଁସବୁ ପ୍ରସ୍ତୁତି ଦରକାର ଏବଂ ତାଙ୍କରି ଶକ୍ତି ସେ ଦିଗରେ କ୍ରିୟା କରି ତା ଭିତରୁ କେତେ ସମ୍ପନ୍ନ କରିଛି ଓ ଆଉ କେତେ ବାକି ରହିଛି, ଓ ସେ ମଧ୍ୟ ଜାଣନ୍ତି ଆମ ଚେତନା ପାଇଁ କେତେବେଳେ ସେଇ ଦିବ୍ୟ ମୁହୂର୍ତ୍ତ ଆସିବ ଯେତେବେଳେ ଏହାକୁ ସେ ପୁଣିଥରେ ଓଲଟାଇ ଦେଇ ପରାଚେତନାରେ ଉନ୍ନୀତ ଓ ଉତ୍ତୀର୍ଣ୍ଣ କରିପାରିବେ ଓ ତହିଁରେ ପରାଚେତନାର ସମସ୍ତ ଜ୍ଞାନ, ଆନନ୍ଦ, ଆଲୋକ, ପ୍ରେମ ଓ ଶକ୍ତି ପ୍ରତିଷ୍ଠିତ କରି ପାରିବେ। ତେଣୁ ଆମର ସ୍ୱକଳ୍ପିତ ତଥାକଥିତ ସାଧନା ଦ୍ୱାରା ତାଙ୍କ କାମରେ ବିଭ୍ରାଟ ନ ଘଟା ତାଙ୍କ ପ୍ରତି, ତାଙ୍କ ଶକ୍ତି ପ୍ରତି କେବଳ ଉନ୍ମୀଳନ ଓ ସମର୍ପଣର ଅଣସାଧନା ଭାବ ରଖିବା ଦ୍ୱାରାହିଁ ଆମେ ତାଙ୍କ କାମରେ ଯଥାର୍ଥ ସହଯୋଗ କରିପାରିବା।

***ବିଶ୍ୱମ୍ଭର ସାମନ୍ତ***

# Friends of Dalijoda

ଓଡ଼ିଶାର ଅଗଣିତ ମାତୃପ୍ରେମୀ ଭାଇ ଓ ଭଉଣୀମାନଙ୍କୁ Friends of Dalijoda ସ୍ୱାଗତ ଜଣାଉଛି ଏଥିରେ ସାମିଲ ହେବା ପାଇଁ। ଜୁଲାଇ ମାସରେ Friends of Dalijoda ବିଷୟରେ ଓଡ଼ିଶାର ୩୦ଟି ଯାକ ଜିଲ୍ଲାରେ ଆପଣମାନଙ୍କୁ ବିଶେଷ ଭାବେ ଅବଗତ କରାଯାଇଛି। ସଭ୍ୟଭୁକ୍ତ ହେବା ପାଇଁ ଆପଣମାନଙ୍କ ଫର୍ମ ସବୁ ଆମର ହସ୍ତଗତ ହେବାରେ ଲାଗିଛି। ଅକ୍ଟୋବର ମାସଠାରୁ ଧାରାବାହିକ ଭାବେ ସଭ୍ୟ ତାଲିକା ପ୍ରକାଶ କରାଯିବ।

୧୯୭୪ ମସିହାରୁ ପୂଜ୍ୟ ବାବାଜି ମହାରାଜ ଓ ପ୍ରପତ୍ତିଙ୍କର ସୃଷ୍ଟି ଶ୍ରୀକ୍ଷେତ୍ର ଡାଳିଯୋଡ଼ା। ଶ୍ରୀମାଶ୍ରୀଅରବିନ୍ଦଙ୍କ ଭବିଷ୍ୟତର ସ୍ୱପ୍ନକୁ ସାକାର କରିବା ପାଇଁ ଏହା ସତତ କ୍ରିୟାଶୀଳ। ଏହାର ସର୍ବାଙ୍ଗୀନ ଉନ୍ନତି କଳ୍ପେ Friends of Dalijodaର ସୃଷ୍ଟି। ଏହି ଅନୁଷ୍ଠାନ ସମଗ୍ର ମାନବଜାତିକୁ ଏକ ଦିବ୍ୟଜୀବନ ଓ ଅତିମାନସ ଚେତନାରେ ଉପନୀତ କରାଇବାରେ ପ୍ରୟାସ କରିଚାଲିଛି। ସେଥିପାଇଁ ଆପଣମାନଙ୍କ ସଦିଚ୍ଛା, ସହଯୋଗ ଓ ସାହାଯ୍ୟ ଏକାନ୍ତ ଜରୁରୀ।

Friends of Dalijoda ରେ ସଭ୍ୟଭୁକ୍ତ ହେବା ପାଇଁ କଟକ ମାତୃଭବନରେ ଫର୍ମ ଉପଲବ୍ଧ। ଅଭୀପ୍ସୁ ମାତୃପ୍ରେମୀ ଭାଇ ଓ ଭଉଣୀମାନେ ଫର୍ମ ପୂରଣ କରି ପଠାଇବାକୁ ଅନୁରୋଧ। ଡାଳିଯୋଡ଼ାରେ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନାରେ ସହଯୋଗ କରିବା ପାଇଁ ଅନେକ ନିଷ୍ଠାପର କର୍ମୀ ଓ ଅର୍ଥର ଆବଶ୍ୟକତା ରହିଛି। Friends of Dalijoda ଏ ଦିଗରେ କାର୍ଯ୍ୟ କରିବା ଆରମ୍ଭ କରିଛି। ଆପଣମାନେ ସାହାଯ୍ୟ କରିବାକୁ ଆଗେଇ ଆସନ୍ତୁ। ଏହାହିଁ ମା'ଙ୍କ ନିକଟରେ ପ୍ରାର୍ଥନା।

ସବିଶେଷ ବିବରଣୀ ନିମନ୍ତେ ଆବାହକ ଶ୍ରୀ ଗୋପୀ (Ph.

## ଏବେବି ମନେପଡ଼େ.....

# ଭିନ୍ନ ଏକ କିଣ୍ଡିରା

ପୂର୍ଣ୍ଣାଙ୍ଗ ଶିକ୍ଷା କାର୍ଯ୍ୟକ୍ରମ ଓଡ଼ିଶାରେ ଆରମ୍ଭ ହେବା ପରେ ଧୀରେ ଧୀରେ ତାକୁ ଆଧାର କରି ଅନେକ କାର୍ଯ୍ୟକ୍ରମ ଆରମ୍ଭ ହେଲା। ଶିକ୍ଷକ ସମ୍ମିଳନୀ, ଛାତ୍ର ସମ୍ମିଳନୀ, ମାତୃ ସମ୍ମିଳନୀ, ଅଧକ୍ଷ ସମ୍ପାଦକ ସମ୍ମିଳନୀ, ପୁରାତନ ଶିକ୍ଷକ ସମ୍ମିଳନୀ ଇତ୍ୟାଦି। କହିବା ବାହୁଲ୍ୟ- ଏ ସବୁଗୁଡ଼ିକର ଆବଶ୍ୟକତା ଯଦିଓ ଏକ ତଥାପି କାର୍ଯ୍ୟଧାରା ଭିନ୍ନ ଭିନ୍ନ। ରାଜ୍ୟସ୍ତରୀୟ ସମ୍ମିଳନୀ ହେଉ ହେଉ ପ୍ରଶିକ୍ଷଣ ପ୍ରସ୍ତାବ ଆସିଲା। ପ୍ରପତ୍ତି ମହାଶୟଙ୍କ ପରାମର୍ଶକ୍ରମେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଅପା/ଭାଇମାନଙ୍କର ପ୍ରଶିକ୍ଷଣ ବିଷୟ ଆଲୋଚନା କରାଯାଇ ପ୍ରତ୍ୟେକ ବର୍ଷ ଗ୍ରୀଷ୍ମଋତୁରେ ଏକ ତାଲିମ ଶିବିର କରାଯିବା ପାଇଁ ସ୍ଥିର ହେଲା। ପ୍ରପତ୍ତିଙ୍କ ଆଗ୍ରହରେ ପ୍ରଥମେ ମାତୃଭବନରେ ଏଇ ଶିବିର ଆରମ୍ଭ ହୋଇଥିଲା। ପରେ ପରେ କେତେ ବର୍ଷ ପାଇଁ ଭୁବନେଶ୍ୱରରେ ମଧ୍ୟ ହୋଇଥିଲା। ମଝିରେ ମଝିରେ ଏହା ଇନ୍ଦ୍ରାବତୀ ଏବଂ ସମ୍ବଲପୁରରେ ମଧ୍ୟ ଥରେ ଥରେ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ପ୍ରତ୍ୟେକ ବର୍ଷ ଗ୍ରୀଷ୍ମଛୁଟୀରେ କଟକ ମାତୃଭବନରେ ସ୍ଥାୟୀ ଭାବରେ କରାହୋଇ ଆସୁଅଛି। ଆରମ୍ଭରୁ ଏହା ୩୦ ଦିନ, ପରେ ୧୫ ଦିନ ଏବଂ ଶେଷରେ ୨୧ ଦିନ ପାଇଁ ହେଉଛି। ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲା ସଙ୍ଗଠକ ଏବଂ ଜୋନ୍ ସଙ୍ଗଠକ ପ୍ରଭୃତି ଦାୟିତ୍ୱ ନେଇଥାନ୍ତି। କାର୍ଯ୍ୟକ୍ରମ ଖୁବ୍ ଭଲ ହୁଏ।

ଏପରି ହେଉ ହେଉ ହଠାତ୍ ସଙ୍ଗତି ଜୋନ୍‌ର ପ୍ରଫୁଲ୍ଲ ଭାଇ ପଶ୍ଚିମ ଓଡ଼ିଶାରେ ଏକ ସାତଦିନିଆ ପ୍ରଶିକ୍ଷଣ ଶିବିର କରିବାର ଆୟୋଜନ କଲେ। ସେତେବେଳେ ସମତା, ଶାନ୍ତି ଜୋନ୍ ଆରମ୍ଭ ହୋଇନଥାଏ। ତିନିଟିଯାକ ମିଶିକରି ସଙ୍ଗତି ଜୋନ୍ ଥାଏ। ପ୍ରଫୁଲ୍ଲ ଜଣେ ଅତି ଦକ୍ଷ ସଙ୍ଗଠକ। ତା'ର ଶୃଙ୍ଖଳା, କାର୍ଯ୍ୟଧାରା ଇତ୍ୟାଦି ଅତ୍ୟନ୍ତ ମାର୍ଜିତ ଏବଂ ସ୍ୱଷ୍ଟ। ଅତି ଦକ୍ଷତାର ସହିତ ସେ ଏଇ ସାତଦିନିଆ ଶିବିରକୁ ପରିଚାଳନା କରିଚାଲିବ। ପଶ୍ଚିମ ଓଡ଼ିଶାର ବିଭିନ୍ନ ସ୍ଥାନରେ ଏଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଲା। କହିବା ବାହୁଲ୍ୟ ପ୍ରତ୍ୟେକ ବର୍ଷ ଅନ୍ତତଃ ଦିନକ ପାଇଁ (ପ୍ରାୟ ଶେଷ ଦିନଟିରେ) ମୁଁ ଯୋଗ ଦେବାପାଇଁ ସୁଯୋଗ ପାଏ ଏବଂ ଉପଭୋଗ କରେ। କଟକରେ ଠିକ୍ ସେତିକିବେଳେ "ଆଲୋକ ସେନା" ର ଦଶଦିନିଆ ତାଲିମ ଶିବିର ଥାଏ। ତାରି ମଧ୍ୟରେ ସମୟ କାଢ଼ି ମୁଁ ଶିକ୍ଷକ ତାଲିମ ଶିବିରକୁ ଚାଲିଯାଏ। ଉଭୟ ଶିବିର ଏକାଭଳି ଶିକ୍ଷଣୀୟ ଏବଂ ଆନନ୍ଦଦାୟକ। କେଉଁଟିବି ଛାଡ଼ିବାକୁ ଇଚ୍ଛା ହୁଏନି। ଖୁବ୍ ଉଚ୍ଚକୋଟୀର କାର୍ଯ୍ୟକ୍ରମ ଉଭୟଟିରେ ଅନୁଷ୍ଠିତ ହୁଏ। ଏହା ମଧ୍ୟରେ କାର୍ଯ୍ୟରେ ସୁବିଧା ଦୃଷ୍ଟିରୁ ସଙ୍ଗତି ଜୋନ୍‌କୁ ତିନିଟି ଜୋନ୍‌ରେ ବିଭକ୍ତ କରାଯାଇଥିଲେ ମଧ୍ୟ ଏଇ ଶିକ୍ଷକ ତାଲିମ ଶିବିରଟି ପୂର୍ବଭଳି ଏକତ୍ର ମିଶିକରି ଅନୁଷ୍ଠିତ ହୋଇ ଆସୁଅଛି।

ଚଳିତ ବର୍ଷ ଏଇ ଶିବିରଟି ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ନିକଟସ୍ଥ କିଣ୍ଡିରା ଶ୍ରୀଅରବିନ୍ଦ ଆଲୋକଧାମ ପରିଚାଳନାଧୀନ ଶ୍ରୀଅରବିନ୍ଦ

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ସେପ୍ଟେମ୍ବର ୩୦ରୁ ଅକ୍ଟୋବର ୬ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଚଳିତ ବର୍ଷ କଟକ ମାତୃଭବନର "ଆଲୋକ ସେନା" ଶିବିର ୧ତାରିଖରୁ ଉଦ୍‌ଯାପିତ ହୋଇସାରିଥିଲା। ମୁଁ ଅପେକ୍ଷାକୃତ କମ୍ ଦାୟିତ୍ୱରେ ଥିଲି ତେଣୁ ପ୍ରଫୁଲ୍ଲର ଅନୁରୋଧରେ ଶେଷ ଦୁଇଦିନ ପାଇଁ ଅର୍ଥାତ୍ ୫ ଏବଂ ୬ ତାରିଖ ଦୁଇଦିନ ପୁରାପୁରି ରହିବାର ସୁଯୋଗ ନେଲି। ଏହା ମୋ ପାଇଁ ମା'ଙ୍କ ପରମ କୃପା; ସେଥିରେ ତିଳେ ବି ସନ୍ଦେହ ନାହିଁ।

କିଣ୍ଡିରାକୁ ମୁଁ ଅନେକ ବାର ଯାଇଛି। କିଣ୍ଡିରାର ଆକର୍ଷଣ ଏତେ ତୀବ୍ର ଯେ ତାକୁ ଭାଙ୍ଗିବା ସମ୍ଭବ ହୁଏ ନାହିଁ। ଯଦି ଅନ୍ୟତ୍ର ଖୁବ୍ ବେଶୀ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ନଥାଏ ମୁଁ କିଣ୍ଡିରାର ନିମନ୍ତ୍ରଣ କେବେ ବି ଅସ୍ୱୀକାର କରେନାହିଁ। ଏଥରକ ପୁଣି ଦୁଇଦିନର ରହଣି ଏବଂ କାର୍ଯ୍ୟକ୍ରମ ଶିକ୍ଷକମାନଙ୍କର ପ୍ରଶିକ୍ଷଣ ଶିବିର। ତେଣୁ ସ୍ୱାଭାବିକ ଭାବରେ ଅଧିକ ଆଗ୍ରହ ଏବଂ ଅଧିକ ଉତ୍ସାହ। କୁମରମଣି ଭାଇଙ୍କର ସମ୍ପୂର୍ଣ୍ଣ ପରିବାର ଉତ୍ସର୍ଗୀକୃତ। ତିନି ପିଢ଼ିର ସମସ୍ତ ଲୋକ ମାତୃ ଚରଣାଶ୍ରିତ। ଖାଲି ସେତିକି ନୁହେଁ ମାତୃକର୍ମରେ ସମ୍ପୃକ୍ତ। ସେମାନଙ୍କ ନିଷ୍ଠା ଏବଂ ଉତ୍ସାହ ଯୋଗୁଁ ପରିବେଶ ପୁରା ପରିବର୍ତ୍ତିତ ହୋଇଯାଇଛି।

୪ତାରିଖ ରାତ୍ରୀରୁ ମୁଁ ମାତୃଭବନରୁ ବାହାରିଲି। ବୋଲେରୋ ଗାଡ଼ିରେ ମୋ ସହିତ ଗୋପୀନାଥପୁରର ଅଞ୍ଜଳି ଅପା ଏବଂ ଆନନ୍ଦ ଅପା, ଚାଳକ ପାପୁ। ବାଟରେ ଢେଙ୍କାନାଳରେ ଚଢ଼ିଲା ଅମଜାଦ୍- ସମ୍ବଲପୁର ରାସ୍ତାରେ ଗଲେ ସ୍ୱାଭାବିକ ସହଯାତ୍ରୀ। ୫ ତାରିଖ ସକାଳ ୬.୩୦ ସୁଦ୍ଧା ଆମେ କିଣ୍ଡିରାରେ ପହଞ୍ଚିଗଲୁ। ଏଥରକ ରାସ୍ତା ଅପେକ୍ଷାକୃତ ଅଧିକ ଖରାପ ଥିଲା, ତେବେ କିଣ୍ଡିରାର ଭୂମି ସ୍ପର୍ଶ କରୁକରୁ ଆଉ କିଛି ମନେପଡ଼ିଲା ନାହିଁ। ସମଗ୍ର ଶରୀର ଯେପରି ରୋମାଞ୍ଚିତ ହୋଇଗଲା। ପୁରାପୁରି ବାତାବରଣରେ ଏକ ତୀବ୍ରତା ଅନୁଭବ ହେଲା। ଆଗରୁ କୁମରମଣି ଭାଇଙ୍କ ଘରେ ନିରାକାର ଭାଇ ଅତିଥି ହୋଇଥାଏ। ତା'ର କାର୍ଯ୍ୟକ୍ରମ ଶେଷ ହୋଇଯାଇଥାଏ। ସେ କେବଳ ମୋତେ ଅପେକ୍ଷା କରିଥାଏ। ତାଙ୍କ ଘରେ ସମସ୍ତେ ଅତ୍ୟନ୍ତ ଉତ୍କଣ୍ଠାର ସହିତ ଆମକୁ ଅପେକ୍ଷା କରିଥିଲେ। ସୁପ୍ରଭା, ଶୈଳ, ସ୍ନେହ, ଲୀଜା, ଦ୍ୟୁମନ୍ ଏବଂ ଢେଙ୍କାନାଳରୁ ଆଗରୁ ଯାଇଥିବା କୁଲୁ, ଲୁଲୁ ତଥା କୁଚିଣ୍ଡାରୁ ଜିନି ଏବଂ ମାଉସୀ। ଆମେ ସେଠାରେ ସବୁବେଳେ ନିଜଘରେ ରହିଲା ପରି ରହୁ।

ନିତ୍ୟକର୍ମ ଶେଷକରି ଚାଲିଲୁ ସମାଧି। ସେଠାରେ ଦର୍ଶନ ସାରି ସ୍କୁଲରେ ପହଞ୍ଚିଲୁ। କିଣ୍ଡିରା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର। ସମାଧି ମନ୍ଦିର ଉପରେ ଉଲ୍ଲେଖ ଅଛି, "ଶ୍ରୀଅରବିନ୍ଦ ଆଲୋକ ଧାମ"। ମତେ ଇଚ୍ଛା ହେଲା କହିବାକୁ- ତାହା ଶ୍ରୀଅରବିନ୍ଦ ଆଲୋକ ଧାମ ଏବଂ ସ୍କୁଲଟି ହେଲା ଶ୍ରୀଅରବିନ୍ଦ ଆନନ୍ଦ ଧାମ।

ଗେଟ୍ ଭିତରେ ପଶୁ ପଶୁ ଏକ ଅତି ମନୋରମ ପ୍ରାକୃତିକ ପରିବେଶ ଥାଇ ମନୋରମ ସକାଳ ଆମକୁ ସ୍ୱାଗତ କଲା। ପ୍ରାୟ ୩୫୦ଜଣ ପ୍ରତିନିଧି ତଥା ଅନ୍ୟମାନଙ୍କ ଉପସ୍ଥିତିର ଆଦୌ ଅନୁଭବ ହେଉନଥିଲା। ବାତାବରଣରେ ସ୍ୱାଭାବିକ ନୀରବତା,

ପରିବେଶ ପୁରାପୁରି ଶାନ୍ତ ଏବଂ ନମ୍ର । ସକାଳୁ ଆସନ/ପ୍ରାଣାୟମ ପ୍ରଭୃତି ସାରି ସମସ୍ତେ ବନ୍ଦେମାତରମ୍ ଗାନକରି କିଛି ଶ୍ରମଦାନ କରିଛନ୍ତି । ତା'ପରେ ପ୍ରାତଃଭୋଜନ ଶେଷକରି ଗୋଷ୍ଠୀ ଆଲୋଚନାରେ ବ୍ୟସ୍ତ । ବିଷୟ ଥିଲା ପୂର୍ଣ୍ଣାଙ୍ଗ ଶିକ୍ଷା । ପରିବେଶରୁ ହିଁ ଆଲୋଚନାର ଗାମ୍ଭୀର୍ଯ୍ୟ ଅନୁମାନ କରିହେଉଥିଲା । ଶେଷରେ ଅଞ୍ଜଳି ତା'ର ଉପସଂହାର କଲା । ତା'ର ସ୍ୱାଭାବିକ ଢ଼ଙ୍ଗରେ ଏକ ଦୀର୍ଘ ଏବଂ ଗଭୀର ଅନୁଭବର ସ୍ୱାଦ ସହିତ ତା'ର ବକ୍ତବ୍ୟ ଅତ୍ୟନ୍ତ ଚମତ୍କାର ଥିଲା । ତା'ପରେ କର୍ମଶାଳା ଏବଂ କର୍ମଶାଳା ପରେ ମଧ୍ୟାହ୍ନ ଭୋଜନ । ବିଶ୍ରାମ ପରେ ଅଶୋକ ଭାଇଙ୍କର ସ୍ୱାସ୍ଥ୍ୟ ସମ୍ପର୍କୀୟ ବିଶେଷ ଆଲୋଚନା ତା'ପରେ ପୁଣି କର୍ମଶାଳା । ପ୍ରଥମ କର୍ମଶାଳାଟିରେ ମୁଁ ଓଡ଼ିଆ ଗ୍ରୁପ୍‌ରେ ଏବଂ ଦ୍ୱିତୀୟଟିରେ ପ୍ରାକ୍ ପ୍ରାଥମିକଗ୍ରୁପ୍‌ରେ କିଛି ସହଯୋଗ କଲି । ସନ୍ଧ୍ୟା ଅଧିବେଶନର ବିଷୟବସ୍ତୁ ଥିଲା- "ଆତ୍ମାର ଆବିଷ୍କାର" । ସତ୍ୟନାରାୟଣ ଭାଇଙ୍କ ସଂଯୋଜନା ଏବଂ ଚନ୍ଦନଭାଇଙ୍କର ଉପକ୍ରମ ପରେ ବିଭିନ୍ନ ସ୍କୁଲର ଅପାଭାଇମାନେ ସେ ସମ୍ପର୍କରେ ନିଜନିଜର ମତାମତ ଦେଇଥିଲେ ଏବଂ ଶେଷରେ ମୋର ଉପସଂହାର ଥିଲା । ସବୁକିଛି ମାତୃକୃପାର ପରିବେଶଦ୍ୱାରା, ପରିଚାଳିତ ହେବାଭଳି ଲାଗୁଥାଏ । ନିଜକୁ କୃତଜ୍ଞ ଲାଗୁଥାଏ । ରାତ୍ରୀର ବିଶ୍ରାମ କୁମର ଭାଇଙ୍କ ଘରେ । ପରିଦିନ ଶିବିର ଶେଷଦିନ । ସକାଳ ପ୍ରାଣାୟମ ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପରେ ଗୋଷ୍ଠୀ ଆଲୋଚନା ଥିଲା "ଶ୍ରୀଅରବିନ୍ଦ ପାଠଚକ୍ର" ଏବଂ ଉପସଂହାର ଦାୟିତ୍ୱ ଥିଲା ମୋର । ମୋର ଆଲୋଚନାରେ ମୁଁ ପାଠଚକ୍ର ଆରମ୍ଭ ବେଳର ଇତିହାସ ସହିତ ଅନ୍ୟାନ୍ୟ ଅଭିଜ୍ଞତା ପ୍ରକାଶ କଲି ଏବଂ କହିବା ବାହୁଲ୍ୟ ସମସ୍ତେ ଅନେକ ଉପଭୋଗ କଲେ । ଅପରାହ୍ନରେ ଥିଲା ବିଭିନ୍ନ କର୍ମଶାଳାର ବିବରଣୀ ପ୍ରଦାନ ଏବଂ ପ୍ରଦର୍ଶନ । ଖୁବ୍ ଚମତ୍କାର ଏବଂ ଆମୋଦପ୍ରଦ ଥିଲା । ସମସ୍ତେ ପ୍ରତ୍ୟେକ ଗୋଷ୍ଠୀର ବିବରଣୀକୁ ଅନେକ ଉପଭୋଗ କଲେ । ସେଦିନ ସନ୍ଧ୍ୟାରେ ଥିଲା ଶେଷ ରଜନୀ । ଆଲୋଚନାର ବିଷୟଥିଲା- "ବିଜୟ ଅନିବାର୍ଯ୍ୟ" । ଅଞ୍ଜଳି, ମୁଁ ଏବଂ ମନୋରଞ୍ଜନ ଭାଇ ଆଲୋଚନା କଲୁ । ଅଶୋକ ଭାଇ ସଭାପତିତ୍ୱ କରିଥିଲେ । ପ୍ରଫୁଲ୍ଲର ଭାବପ୍ରବଣତାର ସହ ରିପୋର୍ଟ ପ୍ରଦାନ ପୂର୍ଣ୍ଣର ବିବରଣୀ ତଥା ଶେଷରେ ସୁପ୍ରଭାର କୃତଜ୍ଞତା ଅତି ଉଚ୍ଚକୋଟୀର ଥିଲା । ଏ ସବୁ ତ ସ୍ୱାଭାବିକ କଥା ମାତ୍ର ଅସଲ ସତ୍ୟ ଥିଲା ପ୍ରତ୍ୟେକ ବ୍ୟକ୍ତିଙ୍କ ଭିତରେ ଯେଉଁ ଉପଲବ୍ଧି । କିଣ୍ଟିରାରେ ଅଶୋକ ଭାଇଙ୍କ ନେତୃତ୍ୱରେ ସୁପ୍ରଭା, ସରୋଜ ପ୍ରଭୃତି ଗୋଟିଏ ଛୋଟ ଗୋଷ୍ଠୀ ଏପରି ଭାବରେ ନିଜକୁ ମାତୃକର୍ମରେ ନିୟୋଜିତ କରିପାରିଛନ୍ତି ଯେ ଦେଖିଲେ ପ୍ରକୃତରେ ନିଜକୁ ଅତି କୃତଜ୍ଞ ଲାଗେ । ପୁଣି ବର୍ତ୍ତମାନ ସରୋଜ (କୁଚିଣ୍ଡା) ସେମାନଙ୍କ ସହିତ ମିଶି ମାତୃକର୍ମକୁ ଆହୁରି ଦୃଢ଼ କରିବାରେ ଚେଷ୍ଟା କରୁଛି ।

ଗୋଟିଏ ଅତି ଆଶ୍ଚର୍ଯ୍ୟର କଥା । ଏଇ ଶିବିରରେ ଶିବିରାର୍ଥୀମାନଙ୍କ ପାଇଁ ଥିଲା ଅନେକ ଅସୁବିଧା । ମାତ୍ର କେହି ବି ଜଣେ କୌଣସି କଥାରେ ଅର୍ଥାତ୍ ରହିବା, ଖାଇବା, କ୍ଲାସ କରିବା, ଶୌଚକ୍ରିୟା କରିବା ଇତ୍ୟାଦି ସବୁପାଇଁ କିଛି ବି ଅସୁବିଧା ପ୍ରକାଶ କରିନାହାନ୍ତି । ମାତ୍ର ଉପସ୍ଥିତିକୁ ଗଭୀର

ଭାବରେ ସମସ୍ତେ ଅନୁଭବ କରି ସବୁକିଛିକୁ ସୁନ୍ଦର ଭାବରେ ସମାଧାନ କରିଦେଉଥାନ୍ତି। ଶୌଚକ୍ରିୟା ପାଇଁ ପ୍ରାୟ ପ୍ରତ୍ୟେକ ଭାଇ ପଡ଼ିଆକୁ ଚାଲିଯାଉଥିଲେ। ଖୁବ୍ ବେଶୀ ବର୍ଷା ହୋଇ ପାଇଖାନାର ଟାଙ୍କି ଭରପୁର। ବ୍ୟବହାର କରିବାର କୌଣସି ଉପାୟ ନାହିଁ ମାତ୍ର ଏ ସବୁ ଅସୁବିଧାକୁ ସାମାନ୍ୟ ଭୃକ୍ଷେପ ନକରି ସମସ୍ତେ ଚଳେଇ ନେଉଥିଲେ। ସେଠାରେ ସମସ୍ତ ଅସୁବିଧା ଗୋଟିଏ ଗୋଟିଏ ସୁଯୋଗ ରୂପରେ ବ୍ୟବହୃତ ହେଉଥିଲା। ବିଦ୍ୟାଳୟର ଦଶମ ଶ୍ରେଣୀର ପିଲାମାନେ ଶିବିରରେ ସାହାଯ୍ୟ କରିବା ପାଇଁ ହଷ୍ଟେଲରେ ରହିଥିଲେ। ସେମାନଙ୍କୁ ବାସ୍ତବିକ ନଦେଖିଲେ ବିଶ୍ୱାସ କରିହେବ ନାହିଁ। ପ୍ରତ୍ୟେକେ ଜଣ ଗୋଟିଏ ଗୋଟିଏ ଜ୍ୱଳନ୍ତ ଅଗ୍ନିପିଣ୍ଡ। ସବୁବେଳେ ଖୁସୀ। ସକାଳୁ ସ୍କୁଲ ପୋଷାକ ପିନ୍ଧି ପକାଇ କାମରେ ଲାଗନ୍ତି ଏବଂ ରାତ୍ରୀରେ କେତେବେଳେ ସେମାନେ ପୋଷାକ କାଢ଼ନ୍ତି ସେମାନେ ଜାଣୁଥିବେ। ପ୍ରତ୍ୟେକ କର୍ମରେ ସମ୍ପୃକ୍ତ। ସୁପ୍ରଭା ଏବଂ ତା'ର ସମସ୍ତ ସହକର୍ମୀମାନଙ୍କ ସହିତ ଏଇ ପିଲାମାନେ ବାସ୍ତବିକ ସମସ୍ତଙ୍କର ଖୁବ୍ ଅନ୍ତରଙ୍ଗ ଲାଗୁଥିଲେ। ଏଥରକ କିଣ୍ଡିରା ଥିଲା ଏକଦମ୍ ସ୍ୱତନ୍ତ୍ର।

ଦୁଇଦିନର ଏଇ ମର୍ମସ୍ପର୍ଶୀ ଅନୁଭବ ପରେ ୬ତାରିଖ ରାତ୍ରୀରେ କଟକ ଫେରିବା ସମୟରେ ଭାବୁଥିଲି ଓଡ଼ିଶାରେ ଏମିତି ଅନେକ କିଣ୍ଡିରା ଥିବେ- ହୁଏତ ଆମେ ଆବିଷ୍କାର କରିପାରିନୁ। ପ୍ରଫୁଲ୍ଲ କିଣ୍ଡିରାରେ ଏଇ ଶିକ୍ଷକ ପ୍ରଶିକ୍ଷଣ ଶିବିରର ଆୟୋଜନ କରିବା ଫଳରେ ଯେପରି ବାସ୍ତବିକ କିଣ୍ଡିରାର ସ୍ୱରୁପକୁ ଚିହ୍ନିହେଲା- ସେମିତି ଅନେକ ସ୍ଥାନରେ ମଧ୍ୟ କେତେ କେତେ କିଣ୍ଡିରା ଆବିଷ୍କୃତ ହେବା ପାଇଁ ଅପେକ୍ଷା ରଖିଥିବେ। ଓଡ଼ିଶାର ଭୂମି ଯେ ମାତୃମୟ ହୋଇ ସାରିଲାଣି ତା'ର ଏକ କୋମଳ ତଥା ବାସ୍ତବ ଅନୁଭବ ହେଲା।

***ପ୍ରସାଦ ତ୍ରିପାଠୀ***

## ବିଶେଷ ସୂଚନା

ଆସନ୍ତା **ନଭେମ୍ବର ୧୨, ୧୩, ୧୪ ଏବଂ ୧୫** ତାରିଖ ଦୀର୍ଘ ଚାରିଦିନ ବ୍ୟାପି **ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର, ଡାଲିଯୋଡ଼ା**ଠାରେ ଶ୍ରୀଅରବିନ୍ଦ ୟୁନିଭରସିଟି ଆନୁକୂଲ୍ୟରେ ଶ୍ରୀଅରବିନ୍ଦଙ୍କର ୧୯୪୭ ମସିହା ୧୫ ଅଗଷ୍ଟ ବାଣୀ ଉପରେ ଏକ ବିଶେଷ ଆଲୋଚନାଚକ୍ର ଅନୁଷ୍ଠିତ ହେବା ପାଇଁ ସ୍ଥିର କରାଯାଇ ଏ ସଂକ୍ରାନ୍ତରେ ଲିଖିତ ନୋଟିସ୍ ଅଗଷ୍ଟ ମାସ ମାତୃଭବନ ପତ୍ରରେ ପ୍ରକାଶ ପାଇଥିଲା। କିନ୍ତୁ ବିଶେଷ କାରଣରୁ ଏହି କାର୍ଯ୍ୟକ୍ରମଟିକୁ ଅନିର୍ଦ୍ଧିଷ୍ଟ କାଳ ପାଇଁ ସ୍ଥଗିତ ରଖାଯାଇଛି।

# ସ୍ମୃତି ସମାଚାର

## ଟାଇମ୍ ପାସ୍

କେଉଁଠୁ ପଢ଼ିଛି କି କାହା ମୁହଁରୁ ଶୁଣିଛି ଠିକ ରୂପେ ମନେ ପଡୁନାହିଁ। କିନ୍ତୁ... କଥାଟା ବୋଧହୁଏ ମା' କହିଛନ୍ତି। ତାର ଭାବଗତ ଅର୍ଥ ହେଲା 'ବୋର୍' ଟାଇମ୍‌ରେ ଧ୍ୟାନ ପ୍ରାକ୍ଟିସ କରାଯାଇପାରେ। ପ୍ରାଥମିକ ସ୍ତରରେ ବହୁଲୋକ ଯୋର ଜବରଦସ୍ତି କରି ଧ୍ୟାନ କରିବାକୁ ଚେଷ୍ଟା କରିଥା'ନ୍ତି। କିନ୍ତୁ ଧ୍ୟାନ ସ୍ୱାଭାବିକ ଭାବରେ ହେବାଟା ଠିକ। ସାଧାରଣତଃ ଆଶ୍ରମ ସମାଧି ଚତୁଃପାର୍ଶ୍ୱରେ ଏବଂ ପ୍ଲେଗ୍ରାଉଣ୍ଡରେ ଯେଉଁ ସାମୁହିକ ଧ୍ୟାନ ହୁଏ ତାହା ହେଉଛି ସାଧାରଣ ଧ୍ୟାନ। ମାତ୍ର ବେଳେବେଳେ ନିଦ ଲାଗିଲା ପରି, ଭୋକ ଲାଗିଲା ପରି, ଶୋଷ ଲାଗିଲା ପରି ଧ୍ୟାନ ଲାଗିଥାଏ। ବହୁ ମାତୃସନ୍ତାନ ଧ୍ୟାନସ୍ଥ ହୋଇ ମା'ଙ୍କର ସକଳ କାର୍ଯ୍ୟ ଅତିନିଖୁଣ ଭାବେ କରନ୍ତି। ଏବଂ ପ୍ରକୃତରେ ତାହାହିଁ ହେବା ଉଚିତ।

ଧ୍ୟାନ କରିବାର ପଦ୍ଧତି ବହୁ ପ୍ରକାରର ରହିଛି। ଶ୍ରୀମା ଶ୍ରୀଅରବିନ୍ଦଙ୍କ ପଥରେ ସେପରି ନିର୍ଦ୍ଦିଷ୍ଟ ଧାରା ନାହିଁ। ପ୍ରତ୍ୟେକ ସ୍ୱକୀୟ ଧାରାରେ ଧ୍ୟାନ କରିଥାନ୍ତି। କିନ୍ତୁ ଧ୍ୟାନ ଅଭ୍ୟାସ କରିବା ଲାଗି ନିଜେ ନିଜ ସମୟକୁ ବାହାର କରିବାକୁ ହୋଇଥାଏ। ମା' ଯେଉଁ 'ବୋର' ଟାଇମରେ ଧ୍ୟାନ ପ୍ରାକ୍ଟିସ କରିବା କଥା କହିଛନ୍ତି ତାହାକୁ ମୁଁ ଏହିପରି ବୁଝିଥାଏ। ଉଦାହରଣ ସ୍ୱରୂପ କୁଆଡ଼େ ଯିବାକୁ ଅଛି। ପ୍ଲେନ କି ଟ୍ରେନ୍ କି ବସ୍ ଛାଡ଼ିବାକୁ କିମ୍ବା ଆସିବାକୁ ଡେରି ଅଛି। ସେପରି ସମୟରେ ବସି ବସି ବ୍ୟକ୍ତିକୁ ବଡ଼ ବୋର ଲାଗିବାଟା ସ୍ୱାଭାବିକ। ସେହି ସମୟକୁ ଏହିପରି ଦିବ୍ୟ କର୍ମରେ ନିୟୋଜିତ କରି ପାରିଲେ ଟାଇମ୍ ପାସ ହେବା ସଙ୍ଗେ ସଙ୍ଗେ ବ୍ୟକ୍ତି ସମୟର ସଦ୍‌ବିନିଯୋଗ କରିପାରିବ। ଅନେକ କର୍ମ କୁଢ଼ି କିଛି କାମ ନକରି ବସି ଚାସ୍ ପାଲି ପକାଉଥିବେ। କିରେ ! କ'ଣ କରୁଛ ? ବୋଲି ପଚାରିଲେ କହିବେ- 'ଟାଇମ୍ ପାସ୍' କରୁଛୁ। କିନ୍ତୁ ଯଥାର୍ଥ ମାତୃସନ୍ତାନ ସର୍ବଦା ମାତୃ କର୍ମରେ ରତ ଥାଏ। ତାର 'ଟାଇମ୍ ପାସ'ର ପ୍ରଶ୍ନ ଉଠେ ନାହିଁ। ସେମାନେ ଧ୍ୟାନସ୍ଥ ଅବସ୍ଥାରେ ସକଳ କର୍ମ କରିଥାନ୍ତି। ସମୟର କିପରି ସଦ୍‌ବିନିଯୋଗ କରାଯାଇପାରେ ସେକଥା ମା' ସେମାନଙ୍କୁ ବତାଇ ଦେଇଛନ୍ତି। ଏପରିକି କୌଣସି ଯାଗାକୁ ଗାଡ଼ିମଟରରେ ଗଲାବେଳେ ବି ସେମାନେ ମା'ଙ୍କୁ ଧ୍ୟାନ କରୁଥାନ୍ତି କିମ୍ବା ଧ୍ୟାନସ୍ଥ ହୋଇ ମା'ଙ୍କ ବହି ପଢ଼ିବା ବା ମା'ଙ୍କ ଲେଖାଲେଖି କରିବା ଆଦି କାର୍ଯ୍ୟରେ ନିଜକୁ ଲଗାଇଦେଇଥାନ୍ତି। ତେଣୁ ସେମାନଙ୍କୁ ଟାଇମ୍ ପାସ୍ କରିବା ପାଇଁ ଅଯଥା ଫାଲ୍‌ତୁ ଗପ ଜମାଇବା ବା ଚାସ୍ ଖେଳିବା ବା ଅନ୍ୟ କିଛି ଅଦରକାରୀ କାମ କରିବାର ଆବଶ୍ୟକ ପଡ଼େନାହିଁ। ସେମାନଙ୍କୁ କଥା କହିବାକୁ ପଡ଼ିଲେ ସେମାନେ ମା'ଙ୍କ କଥା କହିଥାନ୍ତି, ଗୀତ ଗାଇବାକୁ ପଡ଼ିଲେ ମା'ଙ୍କ ଗୀତ ଗାଇଥାନ୍ତି। ସେମାନଙ୍କର ସକଳ ସମୟ, ସକଳ କର୍ମ, କେବଳ ମା'ଙ୍କୁ ସ୍ମରଣ ଓ ମା'ଙ୍କୁ ଅର୍ପଣରେ କଟିଥାଏ। ଏହାହିଁ ସେମାନଙ୍କ ଧ୍ୟାନ ଏବଂ ସମୟର ଦିବ୍ୟ ବିନିଯୋଗ।

***ମଧୁସୂଦନ ମିଶ୍ର***

# ଶତବାର୍ଷିକୀ ଆହ୍ୱାନ

(ପୂର୍ବ ପ୍ରକାଶିତ ଉତ୍ତାରୁ...)ସମସ୍ତ ବଲାଙ୍ଗୀର ଜିଲ୍ଲାରେ ପାଟଣାଗଡ଼ ଗୋଟିଏ ଛୋଟିଆ ସହର। ସେହି ଛୋଟିଆ ସହରଟି ହିଁ ମା'ଶ୍ରୀଅରବିନ୍ଦଙ୍କ କାର୍ଯ୍ୟରେ ଆଗୁସାର। ଦୁଇଜଣ ଅଧ୍ୟାପକ ବନ୍ଧୁ। ଜଣେ ମଧୁସୂଦନ ପ୍ରଧାନ, ଘର ଅନୁଗୁଳ। ଜଣେ ଜଗତ ମୋହନ ମହାନ୍ତି, ଘର ବ୍ରହ୍ମପୁର। ମଧୁଭାଇ ପଦାର୍ଥ ବିଜ୍ଞାନର, ଜଗତଭାଇ ପ୍ରାଣୀ ବିଜ୍ଞାନର। ଦୁଇଜଣ ସମବୟସୀ ବନ୍ଧୁ ଏହି ଶ୍ରୀମାଶ୍ରୀଅରବିନ୍ଦଙ୍କ କର୍ମଧାରାର। ଦୁଇଜଣଙ୍କ ଦୁଇ ପତ୍ନୀ ଲକ୍ଷ୍ମୀ ଏବଂ ସରସ୍ୱତୀ। ଦୁଇ ଜଣଙ୍କର ପୁଅ ଓ ଝିଅ ଦୁଇଟି ଲେଖାଏ। ପତ୍ନୀମାନେ ଯେପରି ସହଯୋଗିନୀ ପତିମାନେ ସେହିପରି ସହଯୋଗୀ। ଦୁଇଜଣଙ୍କର ହସହସ ମୁହଁ ପତ୍ନୀ ବତ୍ସଳ, ପୁତ୍ର ବତ୍ସଳ, କନ୍ୟାବତ୍ସଳ, ବନ୍ଧୁବତ୍ସଳ- ସମସ୍ତେ ସେମାନଙ୍କୁ ଭଲପାଆନ୍ତି। ସେମାନେ ସେମାନଙ୍କ ଛାତ୍ରମାନଙ୍କୁ ଭଲପାଆନ୍ତି। ସେମାନଙ୍କ ଛାତ୍ରମାନେ ସେ ଦୁହିଁଙ୍କୁ ଭଲପାଆନ୍ତି। ଅନ୍ୟ ଅଧ୍ୟାପକ ଭାଇମାନେ ମଧ୍ୟ ସେ ଦୁହିଁଙ୍କୁ ଭଲ ପାଆନ୍ତି। ସହରର ବ୍ୟବସାୟୀମାନେ ଭଲ ପାଆନ୍ତି। ସହରରେ ସବୁଠାରୁ ଟାଣୁଆ ସଙ୍ଗଠନ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଙ୍ଘ। ସଙ୍ଘ ପରିବାର ଲୋକେ ସେମାନଙ୍କୁ ଭଲ ପାଆନ୍ତି। ସଙ୍ଘ ପରିବାରର ସଦସ୍ୟ ବସନ୍ତକୁମାର ମେହେର ସେମାନଙ୍କ ତୃତୀୟ ବନ୍ଧୁ। ବସନ୍ତ ଭାଇ ମଧ୍ୟ ଶ୍ରୀମାଶ୍ରୀଅରବିନ୍ଦଙ୍କୁ ତଥା ଜଗତଭାଇ ଓ ମଧୁଭାଇଙ୍କୁ ଭଲପାଆନ୍ତି। ଦୁଇବନ୍ଧୁ ବାବାଜି ମହାରାଜଙ୍କୁ ଚିଠି ଦିଅନ୍ତି। ବାବାଜି ମହାରାଜ ସେମାନଙ୍କୁ ମା'ଙ୍କ କାର୍ଯ୍ୟରେ ପ୍ରବର୍ତ୍ତାଇ ଥାଆନ୍ତି। ମଧୁଭାଇନା ଦୁଇବନ୍ଧୁଙ୍କ ଠିକଣା ମୋତେ ଦେଲେ। ମୁଁ ମଧ୍ୟ ତିନି ବନ୍ଧୁଙ୍କର ଚତୁର୍ଥ ବନ୍ଧୁ ହେଲି। ଭଜଭାଇ ପଞ୍ଚମ ବନ୍ଧୁ ହେଲେ। ସବୁବର୍ଷ ପାଟଣାଗଡ଼ ମାରୱାଡ଼ି ଧର୍ମଶାଳାରେ ଶ୍ରୀଅରବିନ୍ଦ ଯୁବଛାତ୍ର ଶିବିର ହୁଏ। ସାରା ପାଟଣାଗଡ଼ ଅଞ୍ଚଳରୁ ସେହି କଲେଜରେ ପଢୁଥିବା ଛାତ୍ରଛାତ୍ରୀ ଆସନ୍ତି। ସେହିମାନଙ୍କ ଭିତରୁ ଭଜମନ ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର ହୋଇ ଶ୍ରୀଅରବିନ୍ଦ ଆଶ୍ରମ ପଣ୍ଡିଚେରୀଠାରେ ଅବସ୍ଥାନ କରୁଛନ୍ତି। ଅନନ୍ତ ଶ୍ରୀଅରବିନ୍ଦ ଆଶ୍ରମ ଦିଲ୍ଲୀଶାଖାର ସାଧକ। ଏବେ ଶିକ୍ଷାକେନ୍ଦ୍ର ଜମି କେତେ କ'ଣ ହେଲାଣି।

ଖୁଣ୍ଟ ସମଲାଇ ଧଣ୍ଡାମୁଣ୍ଡା ଶାନ୍ତିପୁରରେ ପାଠଚକ୍ର ହୁଏ। ମଧୁଭାଇନାଙ୍କ ସାଇକେଲଟି ଧରି ମୁଁ ସେତେବେଳେ ଏକୁଟିଆ ଅନେକ ବେଳେ ଚାଲିଯାଏ। ଥରେ ଥରେ ଆଉ କିଏ ସାଥୀରେ ଥାଆନ୍ତି। ପାଟଣାଗଡ଼ରୁ ସବୁ ଗାଁ ୨୦-୨୫ କି.ମି ଦୂର। ରାସ୍ତା ଦୁଇପାଖରେ ସବୁଜ ଜଙ୍ଗଲ ବା ଗଛ। ଉପରେ ନୀଳ ଆକାଶ। ଭଲ ରାସ୍ତା। ସାଇକେଲ ଗଡ଼ିଯାଏ ଠିକ୍ ଯେପରି ମା'ଙ୍କ କାମ ଲାଗି ମନ ଉଡ଼ିଯାଏ। ସେହି ସମୟକୁ ଏବେ ମଧ୍ୟ ଝୁରି ହେବାକୁ ପଡ଼େ। ସେହିପରି ସବଳ, ସୁସ୍ଥ, ହସ-ଖୁସିର ଶରୀର, ପ୍ରାଣ, ମନ, ହୃଦୟ ଚେତନା। ତାହା ମୂଳରେ କେବଳ ୧, ୨, ୩, ୪, ୫ କେବଳ ବନ୍ଧୁତ୍ୱ। ନିଷ୍କପଟ ବନ୍ଧୁତ୍ୱ। ସରଳ ବନ୍ଧୁତ୍ୱ। ବାବାଜି ମହାରାଜ ବହୁତ ସରଳ। ସବୁବେଳେ ଖୁସୀ। ତାଙ୍କ ବ୍ୟକ୍ତିତ୍ୱଟି

ଯେପରି ମଧୁର, ତାଙ୍କ ମୁହଁ ଓ ହସ ସେହିପରି ମଧୁର। ତାଙ୍କର ବ୍ୟବହାର ଓ ଗତି ମଧ ମଧୁର। ଶ୍ରୀମଦ୍ ବଲ୍ଲଭାଚାର୍ଯ୍ୟଙ୍କର ମଧୁରାଷ୍ଟକମ୍‌ରେ ଆମ୍ଭେମାନେ ପଢ଼ିଛୁ, "ନୟନ ମଧୁରଂ, ବଚନ ମଧୁରଂ, ଗମନ ମଧୁରଂ, ବେଣୁ ମଧୁରଂ, ଅଧର ମଧୁରଂ- ମାଧୁର୍ଯ୍ୟର ଯେ ଅଧିପତି ତାଙ୍କର ଅଖିଳ ବିଶ୍ୱ ମଧ ମଧୁର। ମଧୁରତର ଜୀବନ ନେଇ ମଧୁରତର ସମ୍ପର୍କ ସୃଷ୍ଟିକଲେ, ଶ୍ରୀଅରବିନ୍ଦ ପାଠଚକ୍ର ସବୁ ଗଢ଼ି ହୋଇଯାଏ। ଚେତନାର ଅସଲ ରୂପାନ୍ତର ପାଇଁ ମଧୁରତର ଜୀବନହିଁ ପରିଶେଷରେ ଆବଶ୍ୟକ ହେବ। ମଧୁଭାଇନା ଯେତେବେଳେ କାର୍ଯ୍ୟ କରୁଥିଲେ। ସମସ୍ତେ ଭାଇନା! ଭାଇନା! ବୋଲି ପାଖକୁ ଧାଇଁ ଆସୁଥିଲେ। ଭାଇନା ମଧ ହଇରେ! କହି ସମସ୍ତଙ୍କ କାନ୍ଧରେ ହାତ ପକାଇ ଦେଉଥିଲେ।

*(କ୍ରମଶଃ)*

*ଅନାଦି ଚରଣ ସ୍ୱାଇଁ*

## ମାତୃକର୍ମୀ ଆବଶ୍ୟକ

ଚତୁର୍ଭୁଜ ସାହୁ, ସମ୍ପାଦକ, ଶ୍ରୀମାଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନାଉପାଳ, ପୋ: ବାଳମୁକୁଳି ହାଟ, ଜିଲ୍ଲା- ଯାଜପୁର, ପିନ୍- ୭୫୫୦୧୨, ଫୋନ୍- ୯୪୩୮୦୬୪୯୦୦ ଜଣାଇଛନ୍ତି ଯେ ଏହି ଶିକ୍ଷାକେନ୍ଦ୍ରରେ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାଦାନ କରିବା ନିମନ୍ତେ ବି.ଏ., ବି.ଏସ୍.ସି., ବି.ଇଡି. କିମ୍ବା ତଦୁର୍ଦ୍ଧ ଯୋଗ୍ୟତା ଥିବା ଅପା କିମ୍ବା ଭାଇ ଆବଶ୍ୟକ ଏବଂ ଛାତ୍ରାବାସ ନିମନ୍ତେ ମାତୃକର୍ମୀ ମଧ ଆବଶ୍ୟକ। ଇଚ୍ଛୁକ ମାତୃପ୍ରେମୀ ଅପା ଭାଇ ଉପରୋକ୍ତ ଠିକଣାରେ ଜଣାଇବାକୁ ଅନୁରୋଧ।

xxx

ନବୀନ କୁମାର ପାତ୍ର, ସମ୍ପାଦକ, ଶ୍ରୀଅରବିନ୍ଦ ଅତିମାନସ ସାଧନାକେନ୍ଦ୍ର, ଆମ୍ବଦଳା, ଜି: ରାୟଗଡ଼ା, ପିନ୍- ୭୬୫୦୨୧, ଫୋନ-୦୬୮୬୩ ୨୪୪୭୯୫, ୯୪୩୮୨୨୯୯୪୮ ଜଣାଇଛନ୍ତି ଯେ ଉକ୍ତ ଅନୁଷ୍ଠାନ ପାଇଁ ମାତୃପ୍ରେମୀ ଅପାଭାଇ ଆବଶ୍ୟକ। ଇଚ୍ଛୁକ ମାତୃପ୍ରେମୀ ଅପାଭାଇ ଉପରୋକ୍ତ ଠିକଣାରେ ଯୋଗାଯୋଗ କରିବାକୁ ଅନୁରୋଧ।

# ଆମ ଶିକ୍ଷାକେନ୍ଦ୍ରଗୁଡ଼ିକ ନାମକୁ ମାତ୍ର କି ?

ଥରେ ସିରିଡ଼ି ସାଇ ସନାତନ ମିଶନ୍‌ର ୩/୪ ଜଣ ସଭ୍ୟ ମୋ ପାଖକୁ ଆସିଲେ। ସେମାନେ ଏକ ନିର୍ଦ୍ଦିଷ୍ଟ ଦାୟିତ୍ୱ ନେଇ ଆସିଥାନ୍ତି। ତାହା ଏହିପରି- "ସେମାନଙ୍କ ସାଇ ଆଶ୍ରମ ମଧ୍ୟରେ ସେମାନେ ଗୋଟିଏ ଶିକ୍ଷାକେନ୍ଦ୍ର ଖୋଲିବାକୁ ଚାହାନ୍ତି। ପ୍ରଚଳିତ ଯେତୋଟି ଶିକ୍ଷାଧାରା ଅଛି-ସେମାନଙ୍କ ମଧ୍ୟରୁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଧାରା ସେମାନଙ୍କୁ ଭଲ ଲାଗିଥାଏ। ସେଇ ଧାରାରେ ସ୍କୁଲଟିଏ ଆରମ୍ଭ କରିବାକୁ ସେମାନେ ଆଗ୍ରହ ପ୍ରକାଶ କରି ଆସିଥାନ୍ତି।" ମୋତେ ଯଦିଓ ପ୍ରସ୍ତାବଟି ଶୁଣି ଖୁସି ଲାଗିଲା ମାତ୍ର ତାହା ସମ୍ଭବ ଲାଗିଲା ନାହିଁ। ମୁଁ ସେମାନଙ୍କୁ ଗୋଟିଏ ପ୍ରସ୍ତାବ ଦେଲି ଯେ ସେମାନେ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟିଏ ଆରମ୍ଭ କରିବା ପୂର୍ବରୁ ପ୍ରଥମେ ଶ୍ରୀଅରବିନ୍ଦ ପାଠଚକ୍ରଟିଏ ଖୋଲିବା ଆବଶ୍ୟକ ଏବଂ ତାହାକୁ ନିଷ୍ଠାପର ଭାବରେ କରିବା ଦରକାର। ମୁଁ ସେମାନଙ୍କୁ କହିଲି, "ଆପଣ ହୁଏତ କୌଣସି ଶିକ୍ଷାକେନ୍ଦ୍ର ଯାଇ ତାହାର ପରିବେଶ, ପିଲାମାନଙ୍କର କାର୍ଯ୍ୟକ୍ରମ, ଆଚରଣ ଇତ୍ୟାଦି ଦେଖି ଖୁସି ହୋଇ ସେପରି ଶିକ୍ଷାକେନ୍ଦ୍ରଟିଏ ଖୋଲିବାକୁ ଚାହିଁଛନ୍ତି। ମାତ୍ର ବାହାରୁ ଆପଣ ଯାହା ଦେଖି ଖୁସି ହୋଇଛନ୍ତି- ସେତକ ତ ନିଶ୍ଚୟ ଠିକ୍ ମାତ୍ର ତାହା ଆଦୌ ଯଥେଷ୍ଟ ନୁହେଁ। କାରଣ ତତ୍ତ୍ୱତଃ ଶ୍ରୀଅରବିନ୍ଦ ଶ୍ରୀମାଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷା କ'ଣ ତାହା ନଜାଣିଲେ କେବେହେଲେ ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଖୋଲିବା ସମ୍ଭବ ନୁହେଁ।"

ସେଥରକ ଭାଇମାନେ ନିଜ ଆଶ୍ରମରେ ଆଲୋଚନା କରିବା ପାଇଁ ସିଦ୍ଧାନ୍ତ ନେଇ ଫେରିଗଲେ ଏବଂ ପୁଣି କିଛି ଦିନ ପରେ ଆସି ପହଞ୍ଚିଲେ। ଦ୍ୱିତୀୟ ଥର ଆସିବା ସମୟରେ ପୁନର୍ବାର ତାଙ୍କର ପ୍ରଶ୍ନ ଶ୍ରୀଅରବିନ୍ଦ ପାଠଚକ୍ର ନଖୋଲି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟିଏ ଖୋଲିବାରେ ଅସୁବିଧା କେଉଁଠି ? ମୁଁ ତାଙ୍କୁ ଯାହା ବୁଝାଇଲି ତାହାହେଲା, ଓଡ଼ିଶାର କୌଣସି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର କେବଳ ଏକ ଉଚ୍ଚମାନର ଶିକ୍ଷା ପାଇଁ ଖୋଲାଯାଇ ନାହିଁ, ଯେବେ ଶିକ୍ଷାକେନ୍ଦ୍ର ସବୁ ଆରମ୍ଭ ହେଲା ପ୍ରପତ୍ତି ମହାଶୟ - ସେତେବେଳେ କହିଲେ ଯେ ଅନେକ ଶ୍ରୀଅରବିନ୍ଦ ପାଠଚକ୍ର ଖୋଲିବା ପରେ ବର୍ତ୍ତମାନ ସମୟ ଅନୁକୂଳ, ଆମକୁ ସିଧାସିଧା ସମାଜ ମଧ୍ୟରେ କାର୍ଯ୍ୟ କରିବାକୁ ହେବ। ଅର୍ଥାତ୍ ଶ୍ରୀଅରବିନ୍ଦ ପାଠଚକ୍ରର ଲକ୍ଷ୍ୟ ଏବଂ ଭୂମିକାକୁ ଲୋକମାନଙ୍କ ପାଖରେ ନେଇ ପହଞ୍ଚାଇବାକୁ ହେବ। ସେଥିପାଇଁ ସମାଜର ଚାରୋଟି ଦ୍ୱାର (ଶିକ୍ଷା, କୃଷି, ଶିଳ୍ପ-ବାଣିଜ୍ୟ ଓ ରାଜନୀତି) ମଧ୍ୟରୁ ଶିକ୍ଷାଟି ସହଜ ଏବଂ ନିରାପଦ ଥିବାରୁ ସେଇ ବାଟ ଦେଇ ସମାଜରେ ପ୍ରବେଶ କରିବା ସିଦ୍ଧାନ୍ତ ନିଆଯାଇ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଟିଏ ଆରମ୍ଭ କରାଗଲା। ତେଣୁ ଏକ ଶ୍ରୀଅରବିନ୍ଦ ପାଠଚକ୍ର ଏବଂ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ। ସେଇ ତତ୍ତ୍ୱକୁ ଅଧିକ ବ୍ୟାପକ ଏବଂ ବିସ୍ତୃତ ଭାବରେ ପ୍ରକାଶ କରିବା ପାଇଁ ଆମେ ଶିକ୍ଷା କାର୍ଯ୍ୟକ୍ରମ ହାତକୁ

ନେଲୁ। ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣାଙ୍ଗ ଶିକ୍ଷା ଆଦର୍ଶରେ ଶିକ୍ଷାକେନ୍ଦ୍ର ଖୋଲାଯିବ ଏବଂ ତାହାଦ୍ୱାରା ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା ସମିତି, ଅଭିଭାବକ, ଛାତ୍ରଛାତ୍ରୀ ସମସ୍ତେ ପ୍ରଭାବିତ ହେବେ, ଏକ ନୂତନ ଆଦର୍ଶ ଅନୁସାରେ ନିଜ ଜୀବନ ବଞ୍ଚିବା ପାଇଁ ଅନୁପ୍ରାଣିତ ହେବେ, ଏଇ ଲକ୍ଷ୍ୟ ନରଥିଲେ ଶିକ୍ଷାକେନ୍ଦ୍ରଟିଏ ଆରମ୍ଭ କରିବାର କୌଣସି ଆବଶ୍ୟକତା ନାହିଁ।

ଏହା ବ୍ୟତୀତ ୧୯୭୮ ମସିହାରେ ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରମାନଙ୍କୁ ସଙ୍ଗଠିତ କରିବା ପାଇଁ ଏବଂ ସେମାନଙ୍କୁ ସରକାରଙ୍କ ସହିତ ପରିଚିତ କରିବା ପାଇଁ ଯେତେବେଳେ ନବଜୀବନ ଶିକ୍ଷା ସଂସଦ (New Life Education Trust) ଗଢ଼ା ଗଲା ଏବଂ ପ୍ରପତ୍ତି ନିଜେ ତାହାର ସଭାପତି ଥିଲେ, ସେତେବେଳେ ସରକାର ନବଜୀବନ ଶିକ୍ଷା ସଂସଦକୁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଗୁଡ଼ିକର ସଙ୍ଗଠନ ଦାୟିତ୍ୱ ନେବାର ଭୂମିକାକୁ ସ୍ୱୀକୃତି ଦେଲେ ଏବଂ କେବଳ ଏକ Registered ଶ୍ରୀଅରବିନ୍ଦ ପାଠଚକ୍ରହିଁ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଖୋଲିପାରିବ ବୋଲି ସରକାରୀ ଭାବରେ ସ୍ୱୀକୃତି ଦେଲେ। ଏହା ଉଭୟ ଆବଶ୍ୟକତା ପୂରଣ କରିପାରିବ ଭିତରର ଏବଂ ବାହାରର।

ଏ ସବୁ ଶୁଣି ଉକ୍ତ ବନ୍ଧୁମାନେ ପ୍ରଶ୍ନ କଲେ, ଆପଣ ଯାହାକୁ ଆଦର୍ଶ କଥା କହୁଛନ୍ତି ସେ ସବୁ କ'ଣ ବାସ୍ତବରେ ପରିପୂର୍ଣ୍ଣ ହୋଇଯାଇଛି ? ମୁଁ ଉତ୍ତର ଦେଲି, କେଉଁଠାରେ କିଛିଟା ହୋଇପାରିଛି, କେଉଁଠାରେ ଆଦୌ ହୋଇପାରୁନି ମାତ୍ର ଆମେ ସମସ୍ୟା ସମ୍ପର୍କରେ ସଚେତନ ଅଛୁ। ଆମେ ଯାହା ଚାହୁଁଛୁ କରିବାକୁ ତାହା ନ କରିପାରିବା ପଛରେ ନିମ୍ନ କୋଟୋଟି କାରଣ ରହିଛି।

୧. ଆମେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଆରମ୍ଭ କଲେ ମଧ୍ୟ ନିଜେ ଅତୀତର ଯେଉଁ ଶିକ୍ଷା ପ୍ରାପ୍ତ କରିଆସିଛୁ ତା'ର ଏକ ଶକ୍ତ ପ୍ରଭାବ ଆମ ମଧ୍ୟରେ ରହିଛି।

୨. ଆମ ଚତୁର୍ଦ୍ଦିଗରେ ଚାଲୁଥିବା ଅଜସ୍ର ଶିକ୍ଷାକେନ୍ଦ୍ରଗୁଡ଼ିକ ସହିତ ଆମ ଅଜାଣତରେ ଏକ ପ୍ରତିଦ୍ୱନ୍ଦ୍ୱିତା କରିବାର ମନୋଭାବ ଆମଭିତରେ ଆସିଯାଉଛି।

୩. ଏକ ସମ୍ପୂର୍ଣ୍ଣ ସହଯୋଗୀ ସମାଜ ଆମ ପାଇଁ ମିଳୁନାହିଁ।

୪. ଆମ ଆଗରେ ଏ ପର୍ଯ୍ୟନ୍ତ ଏ ଧାରାରେ କିଛିଟିଟା ଅଗ୍ରଗତି କରିଥିବା ଗୋଟିଏ ବି ଦୃଷ୍ଟାନ୍ତ ନାହିଁ।

୫. ସର୍ବୋପରି ଆମ ଭିତରେ ମଧ୍ୟ ଜଡ଼ତା, ତାମସିକତା ପ୍ରଭୃତି ଭରପୁର ରହିଛି ଏବଂ ପରିବର୍ତ୍ତନ କରିବା ନିମନ୍ତେ ବା ହେବା ନିମନ୍ତେ ଯେଉଁ ବିପୁଳ ସାହସ ପ୍ରୟୋଜନ ତା'ର ଅଭାବ ରହିଛି।

ମାତ୍ର ଏସବୁ ସତ୍ତ୍ୱେ ଆମେ ଉପରୋକ୍ତ ସମସ୍ତ ଦୁର୍ବଳତା ପ୍ରତି ସଚେତନ। ଅର୍ଥାତ ଆମେ ଜାଣୁ ଯେ ଆମେ ଉଚିତ କାମ କରିପାରୁନୁ ଏବେ ଯାହା କରୁଛୁ ସେଥିରେ ଆଦୌ ସନ୍ତୁଷ୍ଟ ନୋହୁଁ। ମାତ୍ର ଭିତରେ ଇଚ୍ଛା ଅଛି- ସାମାନ୍ୟ ସୁବିଧା ସୁଯୋଗ ଥିଲେ ଏଥିରୁ ଊର୍ଦ୍ଧ୍ୱକୁ ଯିବାପାଇଁ ନିଶ୍ଚୟ ଚେଷ୍ଟା କରିବୁ। ଯଦି ସନ୍ତୁଷ୍ଟ ହୋଇ ଅତ୍ୟନ୍ତ ନିଷ୍ଠାପର ଭାବରେ ଭୁଲତ୍ରୁଟି କରିଚାଲିଥିବୁ ତେବେ କେବେବି ଏହାଠାରୁ ଊର୍ଦ୍ଧ୍ୱକୁ ଯିବାପାଇଁ ସାହସ ପାଇବୁ

ନାହିଁ।

ପୁଣି ଜଣେ ବନ୍ଧୁ ପ୍ରଶ୍ନ କଲେ କେବଳ ଗୋଟିଏ ଶ୍ରୀଅରବିନ୍ଦ ପାଠଚକ୍ର କରିଦେଲେ- ତାହା ଯଥେଷ୍ଟ ହେବ ନାଁ ଆଉ ପୁଣି କିଛି କରିବା ଦରକାର ପଡ଼ିବ ? ମୁଁ ଉତ୍ତର ଦେଲି, କେବଳ ଶ୍ରୀଅରବିନ୍ଦ ପାଠଚକ୍ର ହେଲା- ଆପଣଙ୍କର ମାଶ୍ରୀଅରବିନ୍ଦଙ୍କୁ ଗ୍ରହଣ କରିବାର ପ୍ରତିଶ୍ରୁତି। ମାତ୍ର ତା'ପରେ ଆରମ୍ଭ ହେବ ଅସଲ କାର୍ଯ୍ୟ। ଆପଣ ଗୋଟିଏ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପ୍ରେରଣା ପାଠଚକ୍ରରୁହିଁ ପାଇବେ। ସେତେବେଳେ ଆପଣଙ୍କ ପାଇଁ ଆଉ ଶିକ୍ଷାକେନ୍ଦ୍ର ମୁଖ୍ୟ ହୋଇ ନଥିବ- ସେଇ ପାଠଚକ୍ର ହିଁ ମୁଖ୍ୟ ଥିବ ଏବଂ ଶିକ୍ଷାକେନ୍ଦ୍ରଟି ସେ ପାଠଚକ୍ରର ଅନେକ କାର୍ଯ୍ୟକ୍ରମ ମଧ୍ୟରୁ ଗୋଟିଏ ବୋଲି ଗଣ୍ୟ ହେବ। ଆମେ ବିଶ୍ୱାସ କରୁ ଶ୍ରୀଅରବିନ୍ଦ ପାଠଚକ୍ରଟିଏ ଗୋଟିଏ ଅଗ୍ନିକୁଣ୍ଡ- ତା' ମଧ୍ୟରେ ପଶିଲେ ବ୍ୟକ୍ତି ଅଧିକ ଶୁଦ୍ଧ ଏବଂ ପବିତ୍ର ହେବ ଏବଂ ସମ୍ମୁଖରେ ଯେତେ ବିପଦ ଥିଲେ ହେଁ ସେ ସମ୍ମୁଖୀନ ହେବା ପାଇଁ ଶକ୍ତି ପାଇବ, ପ୍ରେରଣା ପାଇବ, ସାମର୍ଥ୍ୟ ପାଇବ। କାରଣ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବାସ୍ତବରେ ପୁରାତନ ସାଙ୍ଗରେ ଏକ ଯୁଦ୍ଧ। ଯିଏ ପରିବର୍ତ୍ତନ ହେବା ପାଇଁ ନ ଚାହିଁବ ତା' ସହିତ ଲଢ଼େଇ। ମାତ୍ର ଏଇ ଯୁଦ୍ଧ ଲଢ଼ିବାପାଇଁ ପାଠଚକ୍ର ହିଁ ସମସ୍ତ ଅସ୍ତ୍ରଶସ୍ତ୍ର ଯୋଗାଇଦେବ। ମାନସିକ, ପ୍ରାଣିକ ଉତ୍ସାହ, ଆଗ୍ରହ, ସାହସ, ବିଶ୍ୱାସ, ନିଷ୍ଠା ଇତ୍ୟାଦି ସବୁ ପାଠଚକ୍ରରୁହିଁ ମିଳିବ। ସେଥିପାଇଁ ପ୍ରତ୍ୟେକ ଶିକ୍ଷାକେନ୍ଦ୍ରର ପରିଚାଳନା ସମିତିର ପ୍ରତ୍ୟେକ ସଭ୍ୟସଭ୍ୟା, ବିଦ୍ୟାଳୟର ପ୍ରତ୍ୟେକ ଅପାଭାଇ, ଏପରିକି ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କ ଘରେ ମଧ୍ୟ ପାଠଚକ୍ର ଆରମ୍ଭ କରିବା ପାଇଁ ଉଦ୍ୟମ କରୁଛୁ।

ପୁଣି ପ୍ରଶ୍ନ ହେଲା- କେହିକେହି- ଏହାକୁ ନାମକୁ ମାତ୍ର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ବୋଲି କହୁଛନ୍ତି ଯେ ? ମୁଁ କହିଲି, ଯେଉଁମାନେ ନିଜେ କରୁଛନ୍ତି- ସେମାନେ କହୁନଥିବେ ଏବଂ ଯେଉଁମାନେ କୌଣସି ଗୋଟିଏ ସଂସ୍ଥାରେ ସମ୍ପୃକ୍ତ ସେମାନେ ବି କହୁନଥିବେ। ଦୂରରୁ ଥାଇ, କିଛି ବି ସ୍ପଷ୍ଟ ଭାବରେ ନଜାଣି, ନଦେଖି ଖାଲି କାହାଠାରୁ କିଛି ଶୁଣି ଏପରି ମନ୍ତବ୍ୟ ଦେବାରେ କିଛି ଯଥାର୍ଥତା ନାହିଁ।

ତାହା ବ୍ୟତୀତ ଯେ କୌଣସି ନୂତନ କାର୍ଯ୍ୟ ଆରମ୍ଭ ହେଲେ ତାହା ନିଶ୍ଚୟ ସମସ୍ୟା ଭିତରେ ଗଲେହିଁ ପ୍ରକୃତ ଲକ୍ଷ୍ୟରେ ପହଞ୍ଚି ପାରିବ। ଏକ ନୂତନ ଭବିଷ୍ୟତର ଆଗମନି ପାଇଁ ଯେଉଁ ପ୍ରଚେଷ୍ଟା ଚାଲିଛି ସେଥିରେ ଅନେକ ଅସୁବିଧା ଦେଖା ଦେଉଛି ଏବଂ ଦେଖାଦେବ। ଏଥିରେ କେହିବି ବାଦ୍ ଯିବେନି। ଆମକୁ କିଛି ଭୁଲତ୍ରୁଟି ନକରି ଅଗ୍ରଗତି କରିବା ଯେପରି ସମ୍ଭବ ନୁହେଁ ଠିକ୍ ସେମିତି ଏଇ ଭୁଲ୍‌ତ୍ରୁଟି ଦେଖି କିଛି ମନ୍ତବ୍ୟ ଦେବା ମଧ୍ୟ ସମୀଚିନ ନୁହେଁ। ଯାହାହେଉ- ଆପଣମାନେ ଯଦି ଏସବୁ ଆଲୋଚନାରେ କିଛି ବି ସନ୍ତୁଷ୍ଟ ତେବେ ଚେଷ୍ଟା କରିପାରନ୍ତି।

ଉକ୍ତ ଭାଇମାନେ ସେ ଦିନରୁ ଯାଇଛନ୍ତି - ସେମାନଙ୍କର ସିଦ୍ଧାନ୍ତ ଏ ପର୍ଯ୍ୟନ୍ତ ଜଣାଇ ନାହାନ୍ତି।

***ପ୍ରସାଦ ତ୍ରିପାଠୀ***

# ସଙ୍ଗଠନ ସମାଚାର

### ଆସ୍ପୃହା ମଣ୍ଡଳ

**ଗଜପତି:** ୪୧.୮.୦୯ରେ ପୂର୍ଣ୍ଣପୀଠଠାରେ ବାବାଜି ମହାରାଜଙ୍କ ଜନ୍ମଦିବସ ଉପଲକ୍ଷ୍ୟେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଦିବସରେ ପାରଳାଖେମୁଣ୍ଡି, ଆର. ଉଦୟଗିରି, ଚନ୍ଦ୍ରଗିରିଠାରେ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେ. ସୁନିତା, ଶ୍ରୀନାଥ ଡାକୁଆ, ସନାତନ ନାୟକ ଅଂଶଗ୍ରହଣ କରିଥିଲେ।... ୧୭.୮.୦୯ରେ ଚନ୍ଦ୍ରଗିରିଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସ୍ୱାତୀ ଅପା "ଶ୍ରୀଅରବିନ୍ଦ ଏବଂ ମୃଣାଳିନୀ ଦେବୀ", ରାଧାକାନ୍ତ ଭାଇ "ଶ୍ରୀଅରବିନ୍ଦ ଓ ଭାରତର କାର୍ଯ୍ୟ", ଗଙ୍ଗାଧର ଭାଇ "ଶ୍ରୀଅରବିନ୍ଦ ଓ ମାନବ ସମାଜ" ସମ୍ପର୍କରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଅରବିନ୍ଦ ଦାସ ଓ ସବିତା ପାଢ଼ୀ।...୧୫.୮.୦୯ ଚନ୍ଦ୍ରଗିରିଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ପାଳନ ଅବସରରେ "ଶ୍ରୀଅରବିନ୍ଦଙ୍କ ପାଞ୍ଚଟି ସ୍ୱପ୍ନ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୫.୮.୦୯ରେ ରା.ଉଦୟଗିରିଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏଥିରେ ନରହରି ପାଣିଗ୍ରାହୀ "ଶ୍ରୀଅରବିନ୍ଦଙ୍କ ଜୀବନୀ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୯.୯.୦୯ରେ ଗଜପତି ଜିଲ୍ଲାର ଶ୍ରୀଅରବିନ୍ଦ ପାଠଚକ୍ରର ଦ୍ୱିମାସିକ କର୍ମୀ ସମ୍ମିଳନୀ କୃଷ୍ଣଚନ୍ଦ୍ର ରାଉତଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଲକ୍ଷ୍ମୀନାରାୟଣ ରଥ, ଉନା ସୀମାଞ୍ଚଳ ଅଂଶଗ୍ରହଣ କରିଥିଲେ।

### କୃପା ମଣ୍ଡଳ

**ଅନୁଗୁଳ:** ୮.୮.୦୯ରେ ଅନୁଗୁଳ ଶିକ୍ଷକପଡ଼ାସ୍ଥିତ ଅକ୍ଷୟ କୁମାର ପଣ୍ଡାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର କେନ୍ଦ୍ରର ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ "ନିଦ୍ରା ଯିବା ପୂର୍ବରୁ" ସମ୍ପର୍କରେ ସୁଶୀଲ ମିଶ୍ର, ଗିରିଶ ଚନ୍ଦ୍ର ସାହୁ, ବିଜୟ କୁମାର ନନ୍ଦ, ଭଜେନ୍ଦ୍ର ବିଶ୍ୱାଳ ଆଲୋଚନା କରିଥିଲେ।

**ଢେଙ୍କାନାଳ:** ୧୫.୮.୦୯ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବଳଦିଆବନ୍ଧଠାରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ରରେ କୁନି ଅପା "ଶ୍ରୀଅରବିନ୍ଦଙ୍କ ପାଞ୍ଚଟି ସ୍ୱପ୍ନ" ସମ୍ପର୍କରେ ଆଲୋଚନା କରିଥିଲେ।... ୧୬.୮.୦୯ରେ ପର୍ଜଙ୍ଗସ୍ଥିତ ଶ୍ରୀଅରବିନ୍ଦ ଆସ୍ପୃହା ପାଠଚକ୍ରର ୯ମ ବାର୍ଷିକ ଉତ୍ସବ କୈଳାଶ ଚନ୍ଦ୍ର ସାହୁଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି।... ୨୧.୮.୦୯ରେ କାମାକ୍ଷାନଗରସ୍ଥିତ ମୁଣ୍ଡିଦେଉଳିସ୍ଥିତ ସଞ୍ଜିବ ପଣ୍ଡାଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ୨୩.୮.୦୯ରେ କଙ୍କଡ଼ାହାଡ଼ ଗ୍ରାମର ପାଣ୍ଡବ ବେହେରାଙ୍କ ବାସଭବନରେ ଶ୍ରୀଅରିବନ୍ଦ ମାତୃଆଶ୍ରିତ ପାଠଚକ୍ରର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।... ୨୫.୮.୦୯,

୨୭.୮.୦୯, ୨୮.୮.୦୯ରେ ଗନ୍ଦିଆ, ଢେଙ୍କାନାଳ, କାଣ୍ଡବିନ୍ଧା, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର,ଇନ୍ଦିପୁର, ଗଦାଶିଳା ଓ ସିମିଳିପାଟଣାଠାରେ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ରମାନଙ୍କରେ ନିରାକାର ଭାଇ ଅଂଶଗ୍ରହଣ କରିଥିଲେ।... ୨୯.୮.୦୯ରେ କଙ୍କଡାହାଡସ୍ଥିତ ମଧୁମୟୀ ପାଠଚକ୍ରର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।... ୩୦.୮.୦୯ରେ ଶ୍ରୀଅରିବନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କାମାକ୍ଷାନଗରର ବାର୍ଷିକ ଉତ୍ସବରେ ପରେଶ ଭାଇ ଓ ସୁମିତ୍ରା ଅପା ଅଂଶଗ୍ରହଣ କରିଥିଲେ।... ୫.୯.୦୯ରେ ପର୍ଜଙ୍ଗସ୍ଥିତ ଶଶୀ ଜେନାଙ୍କ ବାସଭବନରେ ଶ୍ରୀଅରବିନ୍ଦ ସଙ୍ଗତି ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।... ୬.୯.୦୯ରେ ପର୍ଜଙ୍ଗସ୍ଥିତ ମାଧୁରୀ ଅପାଙ୍କ ବାସଭବନରେ ମୀରାମ୍ବିକା ମହିଳା ପାଠଚକ୍ରର ଏକାଦଶତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରରେ ସଚେତନତା" ସମ୍ପର୍କରେ ଝଲୀ ଅପା, ଜନାର୍ଦ୍ଦନ ଭାଇ, ଫକୀର ଭାଇ ଆଲୋଚନା କରିଥିଲେ।... ୬.୯.୦୯ରେ ଢେଙ୍କାନାଳର ଟାଉନପ୍ଲାନିଙ୍ଗସ୍ଥିତ ରବି ଭାଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ସାଧନା କେନ୍ଦ୍ରର ଦ୍ୱାଦଶତମ ବାର୍ଷିକ ଉତ୍ସବ ପାଳନ ଅବସରରେ ରୁଦ୍ର ଭାଇ, କୁନି ଅପା, ବିଷ୍ଣୁ ଭାଇ ଅଂଶଗ୍ରହଣ କରିଥିଲେ।... ୬.୯.୦୯ରେ ଶ୍ରୀଅରବିନ୍ଦ ଭବନଠାରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୯.୯.୦୯ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃପୀଠ, ଗୁଇଁପୁରର ୧୦ମ ବାର୍ଷିକ ଉତ୍ସବ ରୁଦ୍ର ଭାଇଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଝଲୀ ଅପା, ଅଜୟ ଭାଇ "ପୂର୍ଣ୍ଣାଙ୍ଗ ଶିକ୍ଷାରେ ଅଭିଭାବକ", "ପୂର୍ଣ୍ଣାଙ୍ଗ ଶିକ୍ଷା" ସମ୍ପର୍କରେ ଆଲୋଚନା କରିଥିଲେ।... ୧୫.୯.୦୯ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଗବେଷଣା କେନ୍ଦ୍ର ମାତୃପୀଠ, ଗୁଇଁପୁରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ପାଞ୍ଚୋଟି ସ୍ୱପ୍ନ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ଉକ୍ତ ଦିବସରେ ଗୁଇଁପୁରସ୍ଥିତ ମଣାଦେବୀ ହାଇସ୍କୁଲରେ ଏକ ବିଶେଷ କାର୍ଯ୍ୟକ୍ରମରେ ଅଜୟ ଭାଇ ଓ କୁନି ଅପା "ଶ୍ରୀଅରବିନ୍ଦଙ୍କ ପାଞ୍ଚଟି ସ୍ୱପ୍ନ" ସମ୍ପର୍କରେ ଆଲୋଚନା କରିଥିଲେ।

### ସମର୍ପଣ ମଣ୍ଡଳ

**କଳାହାଣ୍ଡି:** ୪.୮.୦୯ରେ ଚର୍ତୁଭୂଜ ରଣାଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୬.୮.୦୯ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଏକ ଦିନିକିଆ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ରାଜୀବ ଭାଇ, ଇନ୍ଦ୍ରମଣି ଭାଇ, ଡମ୍ବରୁଧର ଭାଇ ପରିଚାଳନା କରିଥିଲେ।... ୧୨.୮.୦୯ରେ ବଂଶୀଧର ରଣାଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୦.୮.୦୯ରେ ରିଷିଡ଼ାସ୍ଥିତ ପଦ୍ମକିଶୋର ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୧ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହେଶ୍ୱର ଭାଇ, ଇନ୍ଦ୍ରମଣି ଭାଇ ଅଂଶଗ୍ରହଣ କରିଥିଲେ।

**ନବରଙ୍ଗପୁର:-** ୯.୮.୦୯ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନବରଙ୍ଗପୁରଠାରେ ଶ୍ରୀଅରବିନ୍ଦ କୃଷିବିଭାଗ କର୍ମଧାରାର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ "କୃଷି ପାଇଁ ଯଥାର୍ଥ ମନୋଭାବ" ସମ୍ପର୍କରେ ଆଲୋଚନା

କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୁଧିର ଭାଇ, ସୁଧିରାଜ ଭାଇ, ଲଳିତମୋହନ ପଟ୍ଟନାୟକ, ସୁରେଶ ଚନ୍ଦ୍ର ମିଶ୍ର, ସ୍ୱର୍ଣ୍ଣଲତା ମହାକୁଡ଼ ପ୍ରମୁଖ ଅଂଶଗ୍ରହଣ କରିଥିଲେ।... ୩୦.୮.୦୯ରେ ପୂଜାରୀଗୁଡାଠାରେ ନବରଙ୍ଗପୁର ଜିଲ୍ଲାସ୍ତରୀୟ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ସୁରେଶ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଷାରାଣୀ "ଦିବ୍ୟଯୁଗ ସ୍ଥାପନାରେ ନାରୀ", ହରେକୃଷ୍ଣ ପ୍ରଧାନ "କିଏ ଏଇ ମାଆ", ସୁଧୀରାଜ ରାଉତ "ଶ୍ରୀଅରବିନ୍ଦଙ୍କ ଆବିର୍ଭାବର ରହସ୍ୟ" ସମ୍ପର୍କରେ, ସ୍ୱପ୍ନେଶ୍ୱରୀ ପାଣିଗ୍ରାହୀ "ଶ୍ରୀଅରବିନ୍ଦ ପାଠଚକ୍ର- କାହିଁକି ?" ସମ୍ପର୍କରେ, ଲଳିତମୋହନ ପଟ୍ଟନାୟକ "ଦିବ୍ୟ ମୁହୂର୍ତ୍ତ" ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ନବୀନଚନ୍ଦ୍ର ଦିଶାରୀ, ଲକ୍ଷ୍ମୀନାରାୟଣ ସିଂ, ଶିବ ନାରାୟଣ ଭଞ୍ଜ, ମୀନକେତନ ସିଂ, ଗୋକୁଳ ପଟ୍ଟନାୟକ, କ୍ଷୀରୋଦ ସିଂ ସହଯୋଗ କରିଥିଲେ।... ୬.୯.୦୯ରେ ନବରଙ୍ଗପୁର ଜିଲ୍ଲା ଅନ୍ତର୍ଗତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ରାଇଘରଠାରେ ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅଭୀପସା", "ସମର୍ପଣ", "ପ୍ରତ୍ୟାଖାନ" ସମ୍ପର୍କରେ ସୁରେଶ ମିଶ୍ର, ସ୍ୱପ୍ନେଶ୍ୱର ପାଣିଗ୍ରାହୀ, ସଙ୍ଗୀତା ପଟ୍ଟନାୟକ, ନବୀନ ଚନ୍ଦ୍ର ତ୍ରିପାଠୀ, "ଶ୍ରୀଅରବିନ୍ଦଙ୍କ ଦୃଷ୍ଟିରେ ସାହିତ୍ୟ" ସମ୍ପର୍କରେ ସୁଧିରାଜ ରାଉତ ଆଲୋଚନା କରିଥିଲେ। ଏଥିରେ ଅନେକ ମାତୃପ୍ରେମୀ ଅପାଭାଇ ଅଂଶଗ୍ରହଣ କରିଥିଲେ।... ୧୩.୯.୦୯ରେ ପାପଡ଼ାହାଣ୍ଡି ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମକୁ ଚନ୍ଦନ ଭୂମିଆ, ଦାଶରଥୀ ମାଝୀ, ସ୍ୱପ୍ନେଶ୍ୱରୀ ପାଣିଗ୍ରାହୀ ପରିଚ୍ଳନା କରିଥିଲେ।... ୧୮.୯.୦୯ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ନବରଙ୍ଗପୁରଠାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଦେହାଂଶ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଏଥିରେ "ପବିତ୍ର ଦେହାଂଶର ମାହାତ୍ମ୍ୟ", "ଭଗବାନଙ୍କ ସଙ୍କଳ୍ପ ଓ ରୂପାୟନ" ସମ୍ପର୍କରେ ପ୍ରଭାତ କୁମାର ନାୟକ ଆଲୋଚନା କରିଥିଲେ। ଉକ୍ତ ଦିବସରେ ଲଳିତା ମୋହନ ପଟ୍ଟନାୟକଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୨୦.୯.୦୯ରେ ଶ୍ରୀଅରବିନ୍ଦ ପାଠଚକ୍ର, ଉମରକୋଟଠାରେ ଆଲୋକ ସେନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଯଥାର୍ଥ କର୍ମୀ" ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସୁଧି ଭାଇ, ନବୀନ ଭାଇ, ସ୍ୱପ୍ନେଶ୍ୱର ପାଣିଗ୍ରାହୀ, ସୁଜାତା ମିଶ୍ର, ଚନ୍ଦନ ଭୂମିଆ, ସଙ୍ଗୀତା ପଟ୍ଟନାୟକ, ପ୍ରପନ୍ନା ସାହୁ ସହଯୋଗ କରିଥିଲେ।

**କୋରାପୁଟ:** ୩.୯.୦୯ରେ ମହାନ୍ତି ସାହିସ୍ଥିତ ସଚି ଭାଇଙ୍କ ବାସଭବନରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୪.୯.୦୯ରେ ଶ୍ରୀଅରବିନ୍ଦ ଯୋଗାଳୟଠାରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୮.୯.୦୯ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କୋଟପାଡଠାରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୯.୯.୦୯ରେ ଏକ ସ୍ୱତନ୍ତ୍ର ଦିବସ ଉପଲକ୍ଷ୍ୟେ ସଚ୍ଚି ଭାଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।...

୧୧.୯.୦୯ରେ କାଳିଞ୍ଜିସ୍ଥିତ ସୁମି ଅପାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୩.୯.୦୯ରେ ମହାନ୍ତି ସାହିସ୍ଥିତ ସୁରମା ଅପାଙ୍କ ବାସଭବନରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି।... ୧୭.୯.୦୯ ଓ ୧୮.୯.୦୯ରେ ବିପିନ ଭାଇଙ୍କ ସଂଯୋଜନାରେ ସରସ୍ୱତୀ ଶିଶୁ ମନ୍ଦିର, ସରକାରୀ ଉଚ୍ଚ ବାଳିକା ବିଦ୍ୟାଳୟ, ସର୍ଗିଗୁଡାଠାରେ ଅନୁଷ୍ଠିତ ହୋଇଯାଇଥିବା ଶ୍ରୀଅରବିନ୍ଦ ପାଠଚକ୍ରରେ ପ୍ରଭାତ ଭାଇ ଅଂଶଗ୍ରହଣ କରିଥିଲେ।... ୨୦.୯.୦୯ରେ ଶ୍ରୀଅରବିନ୍ଦ ଭବନଠାରେ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଚୈତ୍ୟ ସତ୍ତା", "ସମସ୍ୟା ସମାଧାନରେ ନାରୀ", "ଲକ୍ଷ୍ୟପ୍ରାପ୍ତିର ପ୍ରଥମ ସର୍ତ୍ତ ସମର୍ପଣ ", "କର୍ମ ହିଁ ସାଧନା" ସମ୍ପର୍କରେ ସନ୍ତୋଷୀ ଅପା, କାନ୍ତି ଅପା, ନୃସିଂହ ପ୍ରସାଦ ପଣ୍ଡା, କୃଷ୍ଣଚନ୍ଦ୍ର ଘଡ଼େଇ, ସଂଯୁକ୍ତା ମାଦଳ ଆଲୋଚନା କରିଥିଲେ।

## ସଙ୍ଗତି ମଣ୍ଡଳ

**ବରଗଡ଼:** ୩୦.୭.୦୯ରେ ଭେଡ଼େନ୍‌ଠାରେ କୁଳମଣି ସାହୁଙ୍କ ପରିଚାଳନାରେ ଦିବ୍ୟଜନନୀ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗ ଓ ଆମର ସାଧନା" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୯.୮.୦୯ରେ ଭେଡ଼େନ୍‌ଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ୯ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ମହାଆର୍ବିଭାବ" ସମ୍ପର୍କରେ ରାଧାକାନ୍ତ ମିଶ୍ର, "ଦିବ୍ୟଜନନୀ 'ମା'" ସମ୍ପର୍କରେ ରମେଶ ଚନ୍ଦ୍ର ସାହୁ ଆଲୋଚନା କରିଥିଲେ।... ୨୫.୮.୦୯ରେ ମାତୃମନ୍ଦିର, ଭେଡ଼େନଠାରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଧର ସାହୁ "ଅତିମାନସ ଶକ୍ତି ଓ ତାହାର କ୍ରିୟା" ସମ୍ପର୍କରେ ଆଲୋଚନା କରିଥିଲେ।... ୨୬.୮.୦୯ରେ ବରହାପଦରଠାରେ ଅତିମାନସ ପାଠଚକ୍ରର ୧ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରୀଧର ସାହୁ, ସତ୍ୟଭାମା ଭାଇ "ଚୈତ୍ୟସତ୍ତା ଆବିଷ୍କାର" ସମ୍ପର୍କରେ ଆଲୋଚନା କରିଥିଲେ।

## ଆସ୍ଥା ମଣ୍ଡଳ

**ଭଦ୍ରକ:** ୩୦.୮.୦୯ରେ ତିହିଡ଼ି ବଜାରସ୍ଥିତ ନିରଞ୍ଜନ ନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ଭ୍ରାମ୍ୟମାଣ ପାଠଚକ୍ରର ୩୭ତମ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦିବ୍ୟଜୀବନ ୧ମ ଖଣ୍ଡ ୨୬ତମ ଅଧ୍ୟାୟର "ବସ୍ତୁର ଉତ୍‌କ୍ରମଣ" ସମ୍ପର୍କରେ ଇନ୍ଦ୍ରମଣି ମହଲ ଆଲୋଚନା କରିଥିଲେ। ଏଥିରେ ଅନେକ ମାତୃପ୍ରେମୀ ଅପାଭାଇମାନେ ଅଂଶଗ୍ରହଣ କରିଥିଲେ।... ୧୩.୯.୦୯ରେ ଶ୍ରୀଅରବିନ୍ଦ ମାତୃସରଣ ପାଠଚକ୍ର, ବାଲିପଡ଼ାର ବାର୍ଷିକ ଉତ୍ସବ ଲକ୍ଷ୍ମୀଧର ଭାଇଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ସାଧାରଣ ଜୀବନ, ଧର୍ମୀୟ ଜୀବନ ଏବଂ ଆଧ୍ୟାତ୍ମିକ ଜୀବନ" ସମ୍ପର୍କରେ ଅଶୋକ ଭାଇ ଓ ବନମାଳୀ ଭାଇ ଆଲୋଚନା କରିଥିଲେ। ... ୨୦.୯.୦୯ରେ ଶ୍ରୀଅରବିନ୍ଦ ଭ୍ରାମ୍ୟମାଣ ପାଠଚକ୍ରର ୧୮୪ତମ ଅଧିବେଶନ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଚରମ୍ପାଠାରେ ଜଗବନ୍ଧୁ ଲେଙ୍କା ଓ ବାସୁଦେବ ବାରିକଙ୍କ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୋଲକ ବିହାରୀ ସାହୁ, ଇନ୍ଦ୍ରମଣି ମହଲ "ଅହଂରେ ସୃଷ୍ଟି, ବିଲୋପ ଓ ଦିବ୍ୟକର୍ମ" ସମ୍ପର୍କରେ ଓ କାର୍ତ୍ତିକେଶ୍ୱର ଖୁଣ୍ଟିଆ,

ଭକ୍ତହରି ରଥ "ଶ୍ରୀଅରବିନ୍ଦ ପାଠଚକ୍ର ବାର୍ଷିକ ଉତ୍ସବ, ସମ୍ମିଳନୀ କାହିଁକି" ସମ୍ପର୍କରେ ଆଲୋଚନା କରିଥିଲେ।... ୨୭.୯.୦୯ରେ ଶ୍ରୀଅରବିନ୍ଦ ପାଠଚକ୍ର ବିରିଡିର ବାର୍ଷିକ ଉତ୍ସବ ପୀତବାସ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୀର୍ତ୍ତନ ବିହାରୀ ବ୍ରହ୍ମ, ବିନେନ୍ଦ୍ର ମହାନ୍ତି ଅଂଶଗ୍ରହଣ କରିଥିଲେ। ଏଥିରେ "ଶ୍ରୀଅରବିନ୍ଦଙ୍କ ଆଦର୍ଶକୁ କିପରି ଜୀବନରେ ପ୍ରୟୋଗ କରିପାରିବା" ଓ "ମା'ଙ୍କ ପ୍ରତି ନିଷ୍ଠା ଓ ବିଶ୍ୱାସ କିପରି ବୃଦ୍ଧି ପାଇବ" ସମ୍ପର୍କରେ ବିନେନ୍ଦ୍ର ଭାଇ, "ମନ୍ତ୍ରମୟୀ ସାବିତ୍ରୀ" ସମ୍ପର୍କରେ କୀର୍ତ୍ତନ ବିହାରୀ ବ୍ରହ୍ମ ଆଲୋଚନା କରିଥିଲେ।... ୩୦.୯,୦୯ରେ ଭଣ୍ଡାରୀପୋଖରୀ ବ୍ଲକସ୍ତରୀୟ ମାସିକ ଆଞ୍ଚଳିକ ଶ୍ରୀଅରବିନ୍ଦ ପାଠଚକ୍ର ସମ୍ମିଳନୀ ନୃସିଂହ ଚରଣ ସାହୁଙ୍କ ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭବାନୀଶଙ୍କର ଦାସ ଅଂଶଗ୍ରହଣ କରିଥିଲେ। ଉକ୍ତ ପାଠଚକ୍ର ହୃଷୀ ଭାଇଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି।

**କେନ୍ଦୁଝର:** ୧୪.୮.୦୯ରେ ଶ୍ରୀଅରବିନ୍ଦ ଭବନ, ବଡବିଲଠାରେ ପୂଜ୍ୟ ବାବାଜି ମହାରାଜଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏଥିରେ ମୃତ୍ୟୁଞ୍ଜୟ ଭାଇ "ବାବାଜି ମହାରାଜଙ୍କ ଗ୍ରନ୍ଥାବଳୀ" ପଢ଼ି ଆଲୋଚନା କରିଥିଲେ।...୧୫.୮.୦୯ରେ ଶ୍ରୀଅରବିନ୍ଦ ଭବନଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଅତିମାନବତତ୍ତ୍ୱ" ସମ୍ପର୍କରେ ଅଜୟ ଭାଇ ଆଲୋଚନା କରିଥିଲେ।

### ନିଷ୍ଠା ମଣ୍ଡଳ

**ନୟାଗଡ଼:** ୬.୮.୦୯ରେ ରାଜସୁନାଖଳାସ୍ଥିତ ଖଉରୁଣୀ ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ୬ଷ୍ଠତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉକ୍ତ ସମ୍ମିଳନୀରେ ସୁନୀଲ ଭାଇ, ବାନାମ୍ବର ଭାଇ, ପ୍ରଦୀପ ଭାଇ "ମା' ଶ୍ରୀଅରବିନ୍ଦଙ୍କ ଦର୍ଶନ" ସମ୍ପର୍କରେ ଆଲୋଚନା କରିଥିଲେ।... ୨୯.୭.୦୯ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କୁରାଳଠାରେ ସୁକାନ୍ତ ଭାଇଙ୍କ ଆନୁକୂଲ୍ୟରେ ଏକ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନୀଲ ଭାଇ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା" ସମ୍ପର୍କରେ ଆଲୋଚନା କରିଥିଲେ ଏବଂ "ଶାରୀରିକ ଶିକ୍ଷା" ସମ୍ପର୍କରେ ଦଳଗତ ଆଲୋଚନା କରାଯାଇଥିଲା।... ୧୫.୮.୦୯ରେ ଶ୍ରୀଅରବିନ୍ଦ ଦିବ୍ୟ ଚେତନା ଆଶ୍ରମଠାରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏଥିରେ ବାନାମ୍ବର ଭାଇ, ସୁନୀଲ ଭାଇ "ପ୍ରଭୁ ଶ୍ରୀଅରବିନ୍ଦଙ୍କ ପାଞ୍ଚୋଟି ସ୍ୱପ୍ନ" ସମ୍ପର୍କରେ ଆଲୋଚନା କରିଥିଲେ।... ୧୬.୮.୦୯ରେ ମାନପୁର ଗ୍ରାମରେ ପ୍ରଜ୍ଞା ଅପାଙ୍କ ଅଧ୍ୟକ୍ଷତାରେ ପଞ୍ଚରିଡା ପାଠଚକ୍ରର ୨ୟ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନୀଲ ଭାଇ "ଆଧୁନିକ ମନୁଷ୍ୟ ଓ ଆଧ୍ୟାତ୍ମିକ ମନୁଷ୍ୟ" ସମ୍ପର୍କରେ, ସନା ଭାଇ "ମହାଯୋଗୀ ଶ୍ରୀଅରବିନ୍ଦ", ସୁକାନ୍ତ ଭାଇ "ଜୀବନର ଲକ୍ଷ୍ୟ" ସମ୍ପର୍କରେ ଆଲୋଚନା କରିଥିଲେ।

### ସମତା ମଣ୍ଡଳ

**ଝାରସୁଗୁଡା:-** ୩.୯.୦୯ରେ ସାଇ ମନ୍ଦିର ପରିସରରେ ଭାନୁପ୍ରିୟା ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଶାନ୍ତ କୁମାର ପାଳ, ଗଗନ ବିହାରୀ ଦାସ, ସୁରେନ୍ଦ୍ର କୁମାର ବେହେରା ଅଂଶଗ୍ରହ କରିଥିଲେ।...

୨୦.୯.୦୯ରେ ଲଖନପୁରସ୍ଥିତ ପଣ୍ଡୁରୀ ଗ୍ରାମ ଓ ମାନସିଂଡେରା ଗ୍ରାମରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସଂକୀର୍ତ୍ତନ ପାଣିଗ୍ରାହୀ, ବିବେକାନନ୍ଦ ବରାଳ, ପ୍ରଫୁଲ୍ଲ କୁମାର ନାୟକ, ପ୍ରଭୁଦତ୍ତ ରାୟ ଅଂଶଗ୍ରହଣ କରିଥିଲେ।

**ଦେବଗଡ:** ୧୫.୮.୦୯ ରୁ ୧୭.୮.୦୯ ପର୍ଯ୍ୟନ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କେନ୍ଦେଇଜୁରୀଠାରେ ସମତାମଣ୍ଡଳ ସ୍ତରୀୟ ଯୁବଛାତ୍ର ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ସ୍ୱପ୍ନ", "ପୂର୍ଣ୍ଣାଙ୍ଗ ଶିକ୍ଷାର ଆବଶ୍ୟକତା", "ଶିକ୍ଷା ଓ ଶିକ୍ଷକ", "ଶାରୀରିକ ଶିକ୍ଷା", "ପ୍ରାଣିକ ଶିକ୍ଷା" ସମ୍ପର୍କରେ ଡମ୍ବରୁଧର ସାହୁ, ଅଶୋକ କୁମାର ନାୟକ, ପଦ୍ମନାଭ ମହାକୁଡ଼, ଅଜୟ କୁମାର ପଲେଇ ଆଲୋଚନା କରିଥିଲେ। ଉକ୍ତ ଶିବିରକୁ ସଂଯୋଜନା କରିଥିଲେ ହୃଷୀକେଶ ଦେହୁରୀ, ଧନେଶ୍ୱର ସାମଲ, କଟିକେଶ୍ୱର ଦାସ।

**ସୁନ୍ଦରଗଡ଼:** ୭.୯.୦୯ରେ ଲେଫ୍ରିପଡାଠାରେ ଧ୍ରୁବଚରଣ ପଟେଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୪ର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆରତୀ ପଟେଲ, ମିନତୀ କର, ଆଶାମତି ବେଟୀ, ଚନ୍ଦ୍ରମା ପଟେଲ, ନିବେଦିତା ପଟେଲ, ସୁବ୍ରତ ମିଶ୍ର ଅଂଶଗ୍ରହଣ କରିଥିଲେ।... ୧୫.୯.୦୯ରେ ଦିଆମୁଣ୍ଡା ଗ୍ରାମାରେ ଆରତୀ ସାଗର ପଟେଲଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ୪ର୍ଥ ବାର୍ଷିକ ଉତ୍ସବ ଦେବୀଦତ୍ତ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "Silence & gossiping" ସମ୍ପର୍କରେ ସୁଦାମ ଚରଣ ପଟେଲ ଓ ଦେବିଦତ୍ତ କର ଆଲୋଚନା କରିଥିଲେ।... ୧୭.୯.୦୯ରେ ରାଏଡିହିଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୬ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।... ସେପ୍ଟେମ୍ବର ୧୭ ରୁ ୨୧ ପର୍ଯ୍ୟନ୍ତ ବିରଲି, ବାଲିଚୁଆଁ, ବାଦିବାହାଲଠାରେ ହୋଇଯାଇଥିବା ଶ୍ରୀଅରବିନ୍ଦ ପାଠଚକ୍ର କାର୍ଯ୍ୟକ୍ରମରେ ନିରାକାର ଭାଇ ଅଂଶଗ୍ରହଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଦେବୀଦତ୍ତ କର ଓ ସୁଦାମ ପଟେଲ ପରିଚାଳନା କରିଥିଲେ।

### ସତ୍ୟ ମଣ୍ଡଳ

**କଟକ:** ୨୬.୭.୦୯ରେ ବରାଳ ଉଚ୍ଚ ବିଦ୍ୟାଳୟଠାରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦଙ୍କ ଗୀତା ନିବନ୍ଧମାଳା", "ଆର୍ଯ୍ୟ କ୍ଷତ୍ରୀୟ ଧର୍ମ" ସମ୍ପର୍କରେ ପ୍ରଶାନ୍ତ ନନ୍ଦ, "ସାଂଖ୍ୟ ଓ ଯୋଗ" ସମ୍ପର୍କରେ କୈବଲ୍ୟ ଜେନା, ବିଭୁପ୍ରସାଦ ପଟ୍ଟନାୟକ ଆଲୋଚନା କରାଯାଇଥିଲା।... ୧.୮.୦୯ ରୁ ୩୧.୮.୦୯ ପର୍ଯ୍ୟନ୍ତ ଦୀର୍ଘ ଏକ ମାସ ଧରି ଶ୍ରୀଅରବିନ୍ଦ ଯୋଗ ମନ୍ଦିର କଳପଡ଼ା ଆନୁକୂଲ୍ୟରେ ୧୨ଟି ଗ୍ରାମରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଶ୍ରୀଅରବିନ୍ଦ ପାଠଚକ୍ରର ଆବଶ୍ୟକତା ଓ ତହିଁରେ ଆମର କର୍ତ୍ତବ୍ୟ", "ଘରୋଇ ସମସ୍ୟା ଓ ତାର ସମାଧାନ", "The right attitude", "Ripe Idea", "Karma", "Why worship", "Three Possiblities", "Effort and grace", "Procedure", ସମ୍ପର୍କରେ ଆଲୋଚନା କରଯାଇଥାଲା।... ... ୨.୮.୦୯ରେ ବେଣ୍ଟକାରସ୍ଥିତ ନିକୁଞ୍ଜ ବିହାରୀ ମହାନ୍ତିଙ୍କ ବାସଭବନରେ ମାତୃସାଧନାପୀଠର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ... ୯.୮.୦୯ରେ କଳପଡାସ୍ଥିତ ବଂଶୀଧର

ପରିଡ଼ାଙ୍କ ବାସଭବନରେ ସ୍ୱର୍ଣ୍ଣସେତୁ ପାଠଚକ୍ରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି।... ୧୨.୯.୦୯ରେ ଶ୍ରୀରାମସ୍ଥିତ ଚିନ୍ତାମଣି ସାହୁଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ "ଆନ୍ତରିକତା" ସମ୍ପର୍କରେ ନବକିଶୋର ଦାଶ ଓ ରବୀନ୍ଦ୍ର କୁମାର ପରିଡ଼ା ଆଲୋଚନା କରିଥିଲେ।... ୨.୮.୦୯ରେ ଅଥଙ୍ଗା, କନ୍ଦରପୁର କଲେଜରୋଡ଼ଠାରେ ଅନିସାମୟୀ ଦାସଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି।... ୮.୮.୦୯ରେ ଶ୍ରୀଅରବିନ୍ଦ ପାଠମନ୍ଦିର, ସିଦ୍ଧେଶ୍ୱରପୁରଠାରେ ଏକ ବିଶେଷ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଭାରତର ଭବିଷ୍ୟତ ନିର୍ମାଣରେ ଆମର ଭୂମିକା" ଓ "ଭାରତମାତାର ସୁଯୋଗ୍ୟ ସନ୍ତାନ- ଶ୍ରୀଅରବିନ୍ଦ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୯.୮.୦୯ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାଙ୍କିର ବିଂଶତମ ଜନ୍ମ ଦିବସ ପାଳିତ ହୋଇଯାଇଛି। ଏଥିରେ "ଆମ ଶିକ୍ଷାକେନ୍ଦ୍ର ଓ ଆମେ" ସମ୍ପର୍କରେ ଆଲୋଚନା କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅଖିଳଚନ୍ଦ୍ର ହରିଚନ୍ଦନ, ପ୍ରଭାକର ଭାଇ, ଦାମୋଦର ରାଜ୍, ଶ୍ୟାମସୁନ୍ଦର ସ୍ୱାଇଁ, କୌଶିକ ନାୟକ, ନିରୁପମା ପରିଡ଼ା, ବିମଳ ଭାଇ ଅଂଶଗ୍ରହଣ କରିଥିଲେ।... ୧୨.୮.୦୯ରେ ଧୂଳୀଶ୍ୱରସ୍ଥିତ ବିଳାସ ଚନ୍ଦ୍ର ସେନାପତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଜପ ଓ ତାହାର ମାହାତ୍ମ୍ୟ" ସମ୍ପର୍କରେ ଆଲୋଚନା କରାଯାଇଥିଲା।... ୧୫.୮.୦୯ରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ୧୩୭ତମ ଜନ୍ମ ଦିବସ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ବାଙ୍କୀଠାରେ ପାଳିତ ହୋଇଯାଇଛି। ଏଥିରେ ରମାକାନ୍ତ ଭାଇ, ଅଖିଳଚନ୍ଦ୍ର ହରିଚନ୍ଦନ, ଶ୍ୟାମସୁନ୍ଦର ସ୍ୱାଇଁ "ମହାଯୋଗୀ" ସମ୍ପର୍କରେ ଆଲୋଚନା କରିଥିଲେ। ... ୧୫.୮.୦୯ରେ ଶ୍ରୀଅରବିନ୍ଦ ପାଠମନ୍ଦିର, ସିଦ୍ଧେଶ୍ୱରପୁରଠାରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶାନ୍ତନୁ ଆଚାର୍ଯ୍ୟ, ପ୍ରଫୁଲ୍ଲ ମିଶ୍ର, ଶରତକୁମାର କର ଅଂଶଗ୍ରହଣ କରିଥିଲେ।... ୧୫.୮.୦୯ରେ ପରମପ୍ରଭୁ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମୋତ୍ସବ ତଥା ଜ୍ୟୋତିର୍ମୟୀ ପାଠଚକ୍ର, ଓଳକଣାର ବାର୍ଷିକ ଉତ୍ସବ ସନ୍ତୋଷ କୁମାର ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପୃଥିବୀରେ ଶ୍ରୀଅରବିନ୍ଦଙ୍କ କାର୍ଯ୍ୟ" ସମ୍ପର୍କରେ ବିପିନ ବିହାରୀ କର, ନାରାୟଣ ପ୍ରସାଦ ସିଂ, ଉର୍ମିଳା ରାଉତ, ସର୍ବେଶ୍ୱର ମହାପାତ୍ର ଆଲୋଚନା କରିଥିଲେ। ଏଥିରେ ଅନେକ ମାତୃପ୍ରେମୀ ଅପା ଯୋଗଦାନ କରିଥିଲେ।... ୬.୯.୦୯ରେ ଜାହାଙ୍ଗୀରାବାଦର ବିଷ୍ଣୁପ୍ରିୟା ଅପା ଓ ବଳଭଦ୍ରପୁରସ୍ଥିତ ସୁଜାତା ପତିଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ମହେନ୍ଦ୍ରନାଥ ସାହୁ ଓ ମନୋରଞ୍ଜନ ମୃଦୁଳିଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଯାଇଛି।...୧୫.୮.୦୯ରେ ଶିଶୁଆଠାରେ ଶ୍ରୀଅରବିନ୍ଦଙ୍କ ପବିତ୍ର ଜନ୍ମତିଥିରେ ଅଶୋକ ଭାଇଙ୍କ ଆୟୋଜନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ

ହୋଇଯାଇଛି । ଏଥିରେ "ଆଧ୍ୟାତ୍ମିକ ବିବର୍ତ୍ତନରେ ଅତିମାନସର ହସ୍ତକ୍ଷେପ" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ୧୭.୮.୦୯ରେ ଅଥଙ୍ଗାସ୍ଥିତ ପୂର୍ଣ୍ଣଚନ୍ଦ୍ର ମିଶ୍ରଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।... ୨୨.୮.୦୯ରେ କମାପୁରସ୍ଥିତ ମିତାଲି ଭୋଇଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି ।... ୨୨.୮.୦୯ରେ ବେଣ୍ଟକାରସ୍ଥିତ ନାରାୟଣ ଚନ୍ଦ୍ର ଶତପଥିଙ୍କ ବାସଭବନରେ ସ୍ୱର୍ଣ୍ଣଶିଖା ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ସାମ୍ପ୍ରତିକ ପରିସ୍ଥିତିରେ ପୂର୍ଣ୍ଣଯୋଗ ହିଁ ଏକମାତ୍ର ଅବଲମ୍ବନ" ସମ୍ପର୍କରେ କୈବଲ୍ୟ ଜେନା, ସଞ୍ଜୟ ମହାପାତ୍ର, ଡାକ୍ତର ପ୍ରଶାନ୍ତ କୁମାର ନନ୍ଦ ଓ କାଳନ୍ଦୀ ଚରଣ ସେନାପତି ଆଲୋକପାତ କରିଥିଲେ ।... ୨୪.୮.୦୯ରେ ଭାରଗୋଳସ୍ଥିତ ସୁକାନ୍ତ ବେହେରାଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । ଏଥିରେ "ସାଂଖ୍ୟ ଯୋଗ ଓ ବେଦାନ୍ତ" ଓ "ବୁଦ୍ଧି ଯୋଗ" ସମ୍ପର୍କରେ ବିଦ୍ୟୁତପ୍ରଭା ଶତପଥୀ,ଜ୍ୟୋତ୍ସ୍ନାରାଣୀ ଦାଶ, କୈବଲ୍ୟ ଜେନା ଓ ସଞ୍ଜୟ ମହାପାତ୍ର ଆଲୋଚନା କରିଥିଲେ ।... ୨୮.୮.୦୯ରେ ଧୂଳୀଶ୍ୱରଠାରେ ଦିଗମ୍ବର ସେନାପତିଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଏଥିରେ "ଆଧ୍ୟାତ୍ମିକ ପୂର୍ଣ୍ଣତା ପାଇଁ ସପ୍ତବିଧ ଅଙ୍ଗୀକାର", "ଶ୍ରୀଅରବିନ୍ଦଙ୍କ ପତ୍ର", "ଶ୍ରୀଅରବିନ୍ଦଙ୍କ ପଞ୍ଚବିଧ ସ୍ୱପ୍ନ", "ମାତୃକୃପା ଓ ଯୁଗଧର୍ମ" ସମ୍ପର୍କରେ ଜ୍ୟୋତ୍ସ୍ନାରାଣୀ ଦାଶ, କୈବଲ୍ୟ ଜେନା, କାଳନ୍ଦୀ ଚରଣ ସେନାପତି, ଶଙ୍କର୍ଷଣ ସେନାପତି ଓ ସଞ୍ଜୟ ମହାପାତ୍ର ଆଲୋଚନା କରାଯାଇଥିଲା ।... ୩୦.୮.୦୯ରେ ଦଧିବାମନପୁରସ୍ଥିତ କିଶୋରୀ ପଟ୍ଟନାୟକଙ୍କ ବାସଭବନରେ ମାତୃନିଳୟ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ପୂର୍ଣ୍ଣଯୋଗ ସାଧନା ପାଇଁ ବିଶ୍ୱାସ ଓ ଧୈର୍ଯ୍ୟର ଆବଶ୍ୟକତା" ସମ୍ପର୍କରେ ଆଲୋଚନା କରାଯାଇଥିଲା ।... ୩୦.୮.୦୯ରେ କଲେଜରୋଡ଼ସ୍ଥିତ ହରିଚନ୍ଦନ ଭବନରେ ଅପର୍ତ୍ତୀଚରଣ ମନ୍ତ୍ରୀଙ୍କ ପରିଚାଳନାରେ ଶ୍ରୀଅରବିନ୍ଦ ପାଠଚକ୍ରର ୧୦ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ଶ୍ରୀଅରବିନ୍ଦଙ୍କ ଯୋଗ ଓ ସାଧନା" ସମ୍ପର୍କରେ ଚନ୍ଦନ କୁମାର ସୁବୁଦ୍ଧି, ଦାମୋଦର ରାଜ୍, ଶ୍ୟାମସୁନ୍ଦର ସ୍ୱାଇଁ, ରମାକାନ୍ତ ମହାପାତ୍ର ଆଲୋଚନା କରିଥିଲେ ।... ୩୦.୮.୦୯ରେ କମାପୁରସ୍ଥିତ ତୃପ୍ତିମୟୀ ପ୍ରଧାନଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ।... ୧.୯.୦୯ରେ ଠାକୁରାଣୀଛକସ୍ଥିତ ରମେଶ ଚନ୍ଦ୍ର ପଟ୍ଟନାୟକଙ୍କ ବାସଭବନରେ ଶ୍ରୀଅରବିନ୍ଦ ପାଠଚକ୍ରର ଦଶମ ବାର୍ଷିକ ଉତ୍ସବ ଅପର୍ତ୍ତୀ ଚରଣ ମନ୍ତ୍ରୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ବିଶ୍ୱାସ", "ପ୍ରତ୍ୟାଖାନ", "ଆସ୍ପୃହା ଓ ସମର୍ପଣ" ସମ୍ପର୍କରେ ଶ୍ୟାମସୁନ୍ଦର ସ୍ୱାଇଁ, ରମାକାନ୍ତ ମହାପାତ୍ର, ଅଖିଳଚନ୍ଦ୍ର ହରିଚନ୍ଦନ ଆଲୋଚନା କରିଥିଲେ ।... ୧୩.୯.୦୯ରେ ଗୋପାଳପୁରସ୍ଥିତ ପ୍ରଫୁଲ୍ଲଚନ୍ଦ୍ର ରାଉତଙ୍କ ବାସଭବନରେ କରୁଣାମୟୀ ମହିଳା ପାଠଚକ୍ରର ୪ର୍ଥ ବାର୍ଷିକ ଉତ୍ସବ ଅପର୍ତ୍ତୀଚରଣ ମନ୍ତ୍ରୀଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ "ରୂପାନ୍ତର ଯୋଗରେ ନାରୀର ଭୂମିକା" ସମ୍ପର୍କରେ ଅଖିଳଚନ୍ଦ୍ର

ହରିଚନ୍ଦନ, ଚନ୍ଦନ କୁମାର ସୁବୁଦ୍ଧି ଆଲୋଚନା କରିଥିଲେ।... ୧୩.୯.୦୯ରେ ସାଲେପୁରସ୍ଥିତ ରାଜେନ୍ଦ୍ର ନାୟକଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିପିନ ବିହାରୀ କର, ଦୁର୍ଗାଚରଣ ଭାଇ ଅଂଶଗ୍ରହଣ କରିଥିଲେ।... ୧୬.୯.୦୯ରେ ଦଧିବାମନପୁରସ୍ଥିତ ନାରାୟଣ ଚନ୍ଦ୍ର ମହାପାତ୍ରଙ୍କ ବାସଭବନରେ ଏକ ନୂତନ ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅବିଦ୍ୟାର ଗ୍ରନ୍ଥି" ସମ୍ପର୍କରେ ଆଲୋଚନା ହୋଇଥିଲା।... ୧୭.୯.୦୯ରେ ଧୂଳୀଶ୍ୱରସ୍ଥିତ ସୁଶୀଲ ଚନ୍ଦ୍ର ନାୟକଙ୍କ ବାସଭବନରେ ଏକ ସ୍ୱତନ୍ତ୍ର ଶ୍ରୀଅରବିନ୍ଦ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ "ଅମରତ୍ୱ ଅଭିମୁଖେ" ସମ୍ପର୍କରେ ଆଲୋଚନା କରାଯାଇଥିଲା... ୨୭.୯.୦୯ରେ ବହଳପଡ଼ାସ୍ଥିତ ଶ୍ରୀଅରବିନ୍ଦ କର୍ମକେନ୍ଦ୍ର ପ୍ରାଙ୍ଗଣରେ ଏକ ବିଶେଷ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ "କର୍ମ ଓ ଯଜ୍ଞ" ସମ୍ପର୍କରେ ନାରାୟଣ ଚନ୍ଦ୍ର ଶତପଥି, କୃଷ୍ଣଚନ୍ଦ୍ର ନନ୍ଦ, "ଯଜ୍ଞର ତାତ୍ପର୍ଯ୍ୟ" ସମ୍ପର୍କରେ ବିକାଶ ରଞ୍ଜନ ପରିଡ଼ା, କାଳନ୍ଦୀ ଚରଣ ସେନାପତି ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ନବକିଶୋର ଦାଶ, ରସାନନ୍ଦ ଲେଙ୍କା, ରବୀନ୍ଦ୍ର କୁମାର ପରିଡ଼ା, ଗୋଲକମଣି ସ୍ୱାଇଁ ସହଯୋଗ କରିଥିଲେ।... ୨୭.୯.୦୯ରେ ଭେଡ଼ା ନିକଟସ୍ଥ ତୁନ୍‌ପୁରଠାରେ ଛବିରାଣୀଙ୍କ ସମ୍ପାଦାନରେ ଶ୍ରୀଅରବିନ୍ଦ ପାଠଚକ୍ରର ୮ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ବିବର୍ତ୍ତନରେ ଅହଂ ସାହାଯ୍ୟକାରୀ ଓ ବାଧକ" ସମ୍ପର୍କରେ ବିପିନ ବିହାରୀ କର, ଦୁର୍ଗାଚରଣ ନାୟକ ଆଲୋଚନା କରିଥିଲେ। ... ୨୮.୯.୦୯ରେ ରାମକୃଷ୍ଣପୁରଠାରେ ସନ୍ତୋଷ କୁମାର ରାଉତଙ୍କ ଆବାହକତ୍ୱରେ ଶ୍ରୀଅରବିନ୍ଦ ପାଠଚକ୍ରର ୧ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ୟାମସୁନ୍ଦର ଲେଙ୍କା, ନାରାୟଣ ଚନ୍ଦ୍ର ସିଂହ, ଦୁର୍ଗାଚରଣ ନାୟକ, ସୁଦାମ ଚରଣ ରାଉତ ଅଂଶଗ୍ରହଣ କରିଥିଲେ।... ୨.୧୦.୦୯ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ପଲ୍ଲୀସାହିର ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ "ପୂର୍ଣ୍ଣାଙ୍ଗ ଶିକ୍ଷାର ଆଭିମୁଖ୍ୟ" ଓ "ଅଭିଭାବକଙ୍କ ଭୂମିକା" ସମ୍ପକରେ ଦୁର୍ଗାଚରଣ ନାୟକ, ବିପିନ ବିହାରୀ କର, ନିରୁପମା ପରିଡ଼ା ଆଲୋଚନା କରିଥିଲେ।

**ଜଗତସିଂହପୁର:** ୬.୯.୦୯ରେ ଶ୍ରୀମାଶ୍ରୀଅରବିନ୍ଦ ଭବନଠାରେ ଜଗତସିଂହପୁର ଜିଲ୍ଲାର ସାଙ୍ଗଠନିକ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଧ୍ରୁବ ଚରଣ ସାହୁ, ରମେଶ ଚନ୍ଦ୍ର ଦଳାଇ, ରବୀନ୍ଦ୍ର କୁମାର ରାଉତ, ମଞ୍ଜୁ ଅପା ଅଂଶଗ୍ରହଣ କରିଥିଲେ।... ୧୬.୯.୦୯ରେ ଶ୍ରୀଅରିବନ୍ଦ ଭବନଠାରେ ଏକ ବିଶେଷ ଶ୍ରୀଅରବିନ୍ଦ ପାଠଚକ୍ରରେ ଡଃ. ଆଲୋକ ପାଣ୍ଡେ ଅଂଶଗ୍ରହଣ କରିଥିଲେ।... ବାଲିକୁଦାସ୍ଥିତ ଛେଳମଣି ସ୍ୱାଇଁଙ୍କ ପାଠଚକ୍ରର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଖାଲ କୁମାର ଦାସ, ବୃନ୍ଦାବନ ଦାସ, ଜଗତ ପ୍ରସାଦ ମହାନ୍ତି, ଯୋଗେନ୍ଦ୍ର ଶତପଥି, ସୁରେନ୍ଦ୍ର ମହାନ୍ତି "ଶ୍ରୀଅରବିନ୍ଦଙ୍କ ଯୋଗ" ସମ୍ପର୍କରେ ଆଲୋଚନା କରିଥିଲେ।

# ଏକତ୍ରିଂଶତମ ନିଖିଳ ଉତ୍କଳ
# ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ, ରାୟଗଡ଼ା
## ୨୪, ୨୫, ୨୬ ଜାନୁୟାରୀ ୨୦୧୦

ଆସନ୍ତା **ଏକତ୍ରିଂଶତମ ରାଜ୍ୟସ୍ତରୀୟ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ** ୨୦୧୦ ଜାନୁୟାରୀ ୨୪, ୨୫ ଏବଂ ୨୬ ତାରିଖ ତିନିଦିନ ବ୍ୟାପୀ **ରାୟଗଡ଼ା ଜିଲ୍ଲାର ବାରିଝୋଲାସ୍ଥ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପ୍ରାଙ୍ଗଣ**ରେ ଅନୁଷ୍ଠିତ କରାଯିବା ପାଇଁ ଆୟୋଜନ କରାଯାଉଛି । ଏହି ସମ୍ମିଳନୀ ପୂଜ୍ୟ ବାବାଜି ମହାରାଜ ଶ୍ରୀ ରାମକୃଷ୍ଣ ଦାସଙ୍କ ଜନ୍ମ ଶତବାର୍ଷିକୀ ଉଦ୍‌ଯାପନ ଅବସରରେ ହେଉଥିବାରୁ ଏହି ଉପଲକ୍ଷ୍ୟେ ଏକ **ସ୍ମରଣିକା** ପ୍ରକାଶ କରାଯିବ ଯେଉଁଥିରେ କି ବାବାଜି ମହାରାଜଙ୍କ ସମ୍ପର୍କରେ ତଥା ଅନ୍ୟାନ୍ୟ ବିଷୟରେ ମଧ୍ୟ ବିଷୟମାନ ପ୍ରକାଶ ପାଇବ । ଏଥିପାଇଁ ଓଡ଼ିଶାର ମାତୃପ୍ରେମୀ ବିଶେଷକରି ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ଭଉଣୀମାନଙ୍କୁ ବାବାଜି ମହାରାଜଙ୍କ ସମ୍ପର୍କରେ ତଥା ଅନ୍ୟାନ୍ୟ ସାଙ୍ଗଠନିକ କାର୍ଯ୍ୟ ସମ୍ପର୍କରେ ଲେଖା ପଠାଇବାକୁ ଅନୁରୋଧ । ଲେଖାଗୁଡ଼ିକ ସ୍ମରଣିକା ସମ୍ପାଦିକା, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ, **ମାର୍ଫତ: ସଂଯୁକ୍ତା ମାଦଳ, ପୋଷ୍ଟାଲ କଲୋନୀ, ରାୟଗଡ଼ା**ଙ୍କ ନିକଟରେ ନଭେମ୍ବର ଶେଷସୁଦ୍ଧା ପହଞ୍ଚିବା ନିହାତି ଆବଶ୍ୟକ ।

ଏହି ସମ୍ମିଳନୀରେ ଶ୍ରୀଅରବିନ୍ଦ ଆଶ୍ରମ ତଥା ଅନ୍ୟାନ୍ୟ ଅନେକ ସ୍ଥାନରୁ ବିଶିଷ୍ଟ ସାଧକମାନେ ଯୋଗଦେବା ପାଇଁ କାର୍ଯ୍ୟକ୍ରମ ରଖାଯାଇଛି ।

ଏଥି ନିମନ୍ତେ ଅନେକ ପରିମାଣର ଅର୍ଥର ଆବଶ୍ୟକତା ରହିଛି । ଏଥିପାଇଁ ଓଡ଼ିଶାର ମାତୃପ୍ରେମୀମାନଙ୍କୁ ଆର୍ଥିକ ସାହାଯ୍ୟ ନିମନ୍ତେ ବିନମ୍ର ନିବେଦନ କରୁଅଛୁ । ଅର୍ଥ ସଂଗ୍ରହ ନିମନ୍ତେ ଓଡ଼ିଶାର ବିଭିନ୍ନ ସ୍ଥାନକୁ ରସିଦ ବହି ସବୁ ମଧ୍ୟ ପଠାଯାଇଛି । ଯେଉଁମାନେ ରସିଦ ବହି ଫେରାଇବାକୁ ଚାହାନ୍ତି ସେମାନେ ସମ୍ପାଦିକା, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ସମ୍ମିଳନୀ, **ସଂଯୁକ୍ତା ମାଦଳ, ପୋଷ୍ଟାଲ କଲୋନୀ, ରାୟଗଡ଼ା**ଙ୍କ ଠିକଣାରେ ମନିଅର୍ଡ଼ର ସାହାଯ୍ୟରେ କିମ୍ବା ବ୍ୟକ୍ତିଗତ ଭାବରେ ଟଙ୍କା ପଠାଇପାରିବେ । ମାତୃକର୍ମରେ ସମସ୍ତଙ୍କର ସକ୍ରୀୟ ସହଯୋଗ କାମନା କରୁଅଛୁ ।

ସମ୍ମିଳନୀରେ ଯୋଗଦେବା ପାଇଁ ଆସୁଥିବା ପ୍ରତିନିଧିମାନଙ୍କୁ ନିଜନିଜର ଶୀତବସ୍ତ୍ର ସାଙ୍ଗରେ ଆଣିବାକୁ ଅନୁରୋଧ । ଦୟାକରି ସାନପିଲାମାନଙ୍କୁ ସାଙ୍ଗରେ ଆଣିବେ ନାହିଁ । ଏହି ସମ୍ମିଳନୀ ନିମନ୍ତେ **ପ୍ରତିନିଧି ଚାନ୍ଦା ୩୦ଟଙ୍କା** ମାତ୍ର ଧାର୍ଯ୍ୟ କରାଯାଇଅଛି ।

ଓଡ଼ିଶାର ସମସ୍ତ ଶ୍ରୀଅରବିନ୍ଦ ମହିଳା ପାଠଚକ୍ର ତଥା ଅନ୍ୟାନ୍ୟ ପାଠଚକ୍ରର ଭଉଣୀ ଓ ଭାଇମାନଙ୍କୁ ଏହି ସମ୍ମିଳନୀରେ ଯୋଗଦେବା ନିମନ୍ତେ ବିନମ୍ର ନିବେଦନ କରୁଅଛୁ । ଏ ସମ୍ପର୍କରେ ଅଧିକ ବିବରଣୀ ପାଇଁ ୯୪୩୮୩୦୨୭୦୮ଙ୍କ ସହିତ ଯୋଗାଯୋଗ କରିବାକୁ ଅନୁରୋଧ ।

ଆପଣମାନଙ୍କର
ସଂଯୁକ୍ତା ମାଦଳ
ସମ୍ପାଦିକା, ଶ୍ରୀଅରବିନ୍ଦ ମହିଳା ପାଠଚକ୍ର, ରାୟଗଡ଼ା

THE MATRUBHABAN PATRA OCTOBER 2009
RNI Regn. No. 65218/91 Registered OR/CK (C) -22/2009-11

# ଚତୁର୍ଦ୍ଦଶ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ ୨୦୦୯

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ, କଇନିପୁରା, ଜି.-କେନ୍ଦୁଝର

ଚତୁର୍ଦ୍ଦଶ ନିଖିଳ ଉତ୍କଳ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀ ସମ୍ମିଳନୀ ୨୦୦୯, **ନଭେମ୍ବର ୭ ଓ ୮** ଦୁଇଦିନଧରି **ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ, କଇନିପୁରା, ଜି.-କେନ୍ଦୁଝର**ଠାରେ ଅନୁଷ୍ଠିତ ହେବ । ସାମ୍ପ୍ରତିକ ପରିସ୍ଥିତିରେ ବାଳିକାମାନଙ୍କର "ଜୀବନର ଲକ୍ଷ୍ୟ ଓ ଜୀବନର ପୂର୍ଣ୍ଣତା ଲାଭର ଉପାୟ" ସମ୍ପର୍କରେ ଆଲୋଚନା କରାଯିବ । ଉକ୍ତ ସମ୍ମିଳନୀରେ ୧୨ ବର୍ଷରୁ ୧୯ ବର୍ଷର ବାଳିକାମାନଙ୍କ ସହ ଶିକ୍ଷାକେନ୍ଦ୍ରର ଜଣେ ଶିକ୍ଷୟିତ୍ରୀ ଯୋଗ ଦେବା ଆବଶ୍ୟକ । ପ୍ରତିନିଧି ଚାନ୍ଦା ୧୦ଟଙ୍କା ମାତ୍ର ରଖାଯାଇଛି । ଓଡ଼ିଶାର ସମସ୍ତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ବ୍ୟବସ୍ଥାପକମାନେ ଶିକ୍ଷାନୁଷ୍ଠାନ ଓ ଶ୍ରୀଅରବିନ୍ଦ ପାଠଚକ୍ରର ବାଳିକାମାନଙ୍କୁ ପଠାଇବାକୁ ବିଶେଷ ଅନୁରୋଧ ।

୮ ତାରିଖ ଅପରାହ୍ନ ୨ଟାରୁ ୪.୩୦ମି: ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର ସାଙ୍ଗଠନିକ ଆଲୋଚନା ଅନୁଷ୍ଠିତ ହେବ । ସମସ୍ତ ଜିଲ୍ଲାର ସଙ୍ଗଠକ ଭାଇ ଓ ଅପାମାନଙ୍କୁ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଅନୁରୋଧ । ନିଜ ଜିଲ୍ଲାର ଶ୍ରୀଅରବିନ୍ଦ ମହିଳା ପାଠଚକ୍ରର କାର୍ଯ୍ୟକ୍ରମର ବିବରଣୀ ସଙ୍ଗରେ ଅଣିବାକୁ ଅନୁରୋଧ ।

ଇତି
ଆପଣଙ୍କର
ଲକ୍ଷ୍ମୀବାଇ ଦଳାଇ
ମୋ : ୯୪୩୭୩୨୮୩୦୦
ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, କଇନିପୁରା, କେନ୍ଦୁଝର

ସମ୍ପାଦକ - ଗଦାଧର ମିଶ୍ର ପରିଚାଳନା - ପ୍ରସାଦ

Printed, Published & Edited by Sri Gadadhar Mishra on behalf of the Matrubhaban Trust & Printed at Graphic Art Offset Press, Nuapatna, Cuttack-1 & Published at Matrubhaban, Sri Aurobindo Marg, Cuttack - 753 013.
**E-mail - matrubhaban@bsnl.in** Please visit us at : **www.matrubhaban.com**